Visit our website: sssoochanaenewspaper.in

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା
SHREE SHRIKSHETRA SOOCHANA

ରଥଯାତ୍ରା
ସ୍ୱତନ୍ତ୍ର ବିଶେଷାଙ୍କ -୨୦୨୫

Pabitra Rath Yatra Special Edition - 2025

Postal Registration No.: PURI/45/2025-27    RNI Registration No.: ODIBIL/2021/81452

VOL - 4 ❖ ISSUE - VI ❖ JUNE 2025 ❖ PURI ❖ PAGE - 8 ❖ Rs. 10.00
ଚତୁର୍ଥ ବର୍ଷ ❖ ଷଷ୍ଠ ସଂଖ୍ୟା ❖ ଜୁନ୍ ୨୦୨୫ ❖ ପୁରୀ ❖ ପୃଷ୍ଠା : ୮ ❖ ମୂଲ୍ୟ : ଟ. ୧୦.୦୦



## ସମ୍ପାଦକୀୟ

# ରଥରେ ଚଢିବା ଓ ଠାକୁରଙ୍କୁ ଛୁଇଁବା ମନା: ଏକ ପୁନର୍ଚିନ୍ତନ ଆବଶ୍ୟକ



ପ୍ରତିବର୍ଷ ରଥଯାତ୍ରା ପାଳନ କରାଯାଏ ପୁରୀର ବଡଦାଣ୍ଡରେ। ଏହି ବିଶେଷ ଅବସରରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ,ମାସୁଭଦ୍ରା ଓ ଚକ୍ରରାଜସୁଦର୍ଶନଙ୍କୁ ଚତୁର୍ଦ୍ଧାମୂର୍ତ୍ତି ରୂପେ ରଥ ଉପରେ ବିରାଜିତ କରାଯାଏ ଓ ଲକ୍ଷେ ଲକ୍ଷେ ଭକ୍ତ ତାଙ୍କ ଦର୍ଶନ ପାଇଁ ଧାଆନ୍ତି। ପରମ୍ପରା ଅନୁଯାୟୀ, ଏହି ଦିନରେ ଠାକୁରଙ୍କୁ ଛୁଇଁବା, ତାଙ୍କର ଚରଣ ଶ୍ପର୍ଶ କରିବା, ତାଙ୍କ ସ୍ନେହ ଓ କୃପା ଅନୁଭବ କରିବା ପୂର୍ବରୁ ସର୍ବସାଧାରଣଙ୍କ ଅଧିକାର ଥିଲା। ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଅନ୍ୟ ଏକ ଅତ୍ୟନ୍ତ ଭାବପୂର୍ଣ୍ଣ ନାମ ହେଲା ପତିତପାବନ — ଯାହାର ଅର୍ଥ ହେଉଛି ସେଇ ମହାପ୍ରଭୁ ଯିଏ ପତିତମାନଙ୍କୁ ବି ଉଦ୍ଧାର କରନ୍ତି। ଯେଉଁମାନଙ୍କୁ ସମାଜ ଅସ୍ପୃଶ୍ୟ ବୋଲି ବିଚାର କରେ, ଠାକୁର ସେମାନଙ୍କ ନିକଟକୁ ଯାଆନ୍ତି। ଏହି ତାତ୍ତ୍ୱିକ ଦୃଷ୍ଟିକୋଣରୁ ରଥଯାତ୍ରା ହେଉଛି ଏକ ଅପୂର୍ବ ଅବସର, ଯେଉଁଠାରେ ଠାକୁର ସ୍ୱୟଂ ମନ୍ଦିର ଛାଡ଼ି ବଡଦାଣ୍ଡକୁ ଆସନ୍ତି ଓ ସମସ୍ତଙ୍କୁ ସମାନ ଭାବେ ଆଶିର୍ବାଦ ଦେବା ପାଇଁ । କେବଳ ଭାବପୂର୍ଣ୍ଣ ନୁହେଁ ଏକ ଆକର୍ଷଣ ଓ ଆବେଗର ଚେତନାକୁ ଧାରଣ କରିଥିବା ନାମ "ପତିତପାବନ ପତିତଜନଙ୍କ ଉଦ୍ଧାର ପାଇଁ ଏହି ନାମ ହିଁ ଯଥେଷ୍ଟ । ସେଥିପାଇଁ ପ୍ରଭୁଙ୍କର ବଡ଼ଦେଉଳରେ ଉଡୁଥିବା ବାନା (ପତାକା )ମଧ୍ୟ ପତିତପାବନ ବାନା ନାମରେ ଖ୍ୟାତ । ସବୁଠାରୁ ବଡ଼ କଥା ପ୍ରଭୁଙ୍କର ମୁଖ୍ୟ ଦ୍ୱାର ସିଂହଦ୍ୱାର ଗୁମୁଟରେ ବିରାଜିତ ଠାକୁରଙ୍କ ନାମ ପତିତପାବନ। ଯଦି କେଉଁ ଭକ୍ତ ବା ଶ୍ରଦ୍ଧାଳୁ ମନ୍ଦିର ମଧ୍ୟକୁ ଯାଇ ନପାରି ବଡ଼ଦାଣ୍ଡରେ ରହି ଏହି ପତିତପାବନଙ୍କୁ ଦର୍ଶନ କରନ୍ତି ,ତେବେ ପୂର୍ଣ୍ଣାଙ୍ଗ ଶ୍ରୀଜଗନ୍ନାଥ ଦର୍ଶନର ଫଳ ପ୍ରାପ୍ତି ହେବାର କଥିତ ଅଛି । କେବଳ ସେତିକି ନୁହେଁ ପୃଥିବୀ ବିଖ୍ୟାତ ରଥଯାତ୍ରାର ଅନ୍ୟ ଏକ ନାମ ହେଲା ପତିତପାବନ ଯାତ୍ରା । କିନ୍ତୁ ଦୁଃଖଦ ବିଷୟ ହେଉଛି, ୨୦୧୪ରେ ଜଣେ ବିଦେଶୀନି ରଥ ଉପରକୁ ଚଢିଜିବାରୁ କଳହ ସୃଷ୍ଟି ହୋଇଥିଲା ଦୀର୍ଘଦିନିଆ ପରମ୍ପରାକୁ ବାନ୍ଧି ଦିଆଯାଇଛି। ଏଥିପାଇଁ ବର୍ଷ ବର୍ଷ ଧରି ଚାଲିଆସିଥିବା ଦୀର୍ଘ ଦିନର ପରମ୍ପରାକୁ ବନ୍ଦ କରିଦିଆଯାଇଥିଲା। ସେହିବର୍ଷ ଗୋବର୍ଦ୍ଧନ ପୀଠ ର ପୀଠାଧୀଶ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀଜୀ ମହାରାଜ ଙ୍କ ଦ୍ୱାରାଏକ ବକ୍ତବ୍ୟ ଦିଆଯାଇଥିଲା — ଯେ ଠାକୁରଙ୍କୁ ଛୁଇଁବା ବା ଦାରୁବ୍ରହ୍ମଙ୍କୁ ସ୍ପର୍ଶ କରିବା ଏକ ପାପ। *(ପୃଷ୍ଠା-୨)*

(ରାଜେଶ କୁମାର ମହାନ୍ତି)

# ଇତିହାସ ରଚିଲେ ଶୁଭାଂଶୁ

## ମହାକାଶରୁ ପୃଥିବୀକୁ ନିରାପଦ ପ୍ରତ୍ୟାବର୍ତ୍ତନ



**ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୧୮ ଦିନର ଅଭିଯାନ ଶେଷ**

**ଭାରତର ପ୍ରଥମ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ୍ ଥିଲେ ଶୁଭାଂଶୁ ଶୁକ୍ଳା**

**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୧୮ ଦିନର ଅଭିଯାନ ଶେଷ କରି ଭାରତର ପ୍ରଥମ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ସାଥୀ ମହାକାଶଚାରୀ କମାଣ୍ଡର ପେଗି ହ୍ୱିଟସନ୍ (ଆମେରିକା), ସ୍ଲାଓଜ୍ ଉଜନାନସ୍କି (ପୋଲାଣ୍ଡ) ଓ ଟିବୋର୍ କାପୁ (ହଙ୍ଗେରୀ)ଙ୍କ ସହ ନିରାପଦରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କାଲିଫର୍ଣ୍ଣିଆ ଉପକୂଳରେ ତାଙ୍କର ସୁରକ୍ଷିତ ଅବତରଣ ପରେ କୋଟି କୋଟି ଭାରତୀୟ ଆଶ୍ୱସ୍ତ ହୋଇଛନ୍ତି। ଭାରତର ନୂତନ ମହାକାଶ ନାୟକ ତଥା ଆଇଏସ୍ଏସ୍ ପରିଦର୍ଶନ କରିଥିବା ଦେଶର ପ୍ରଥମ ମହାକାଶଚାରୀ ଶୁକ୍ଳା ସ୍ପେସ୍ଏକ୍ସର ଡ୍ରାଗନ୍ ମହାକାଶଯାନରେ ଅପରାହ୍ଣ ପ୍ରାୟ ୩ଟା ୧ ମିନିଟ୍‌ରେ ସାନ୍‌ଡିଏଗୋ ଉପକୂଳ ପ୍ରଶାନ୍ତ ମହାସାଗରରେ ଅବତରଣ କରି ଐତିହାସିକ ଆକ୍ସମ୍-୪ ଅଭିଯାନ ଶେଷ କରିଥିଲେ। ସୋମବାର ସନ୍ଧ୍ୟାରେ ଆଇଏସ୍ଏସ୍‌ରୁ ମହାକାଶଯାନ ଉଡ଼ାଣ ଭରିବା ପରେ ପ୍ରାୟ ୨୨ ଘଣ୍ଟାର ପ୍ରତ୍ୟାବର୍ତ୍ତନ ଯାତ୍ରାର ଅନ୍ତ ଘଟିଛି। ୧୯୮୪ରେ ରାକେଶ ଶର୍ମାଙ୍କ ମହାକାଶ ଅଭିଯାନ ପରେ ଶୁଭାଂଶୁ ଶୁକ୍ଳା ଆଇଏସ୍ଏସ୍ କକ୍ଷପଥରେ ପରିକ୍ରମା କରିବାରେ ପ୍ରଥମ ଭାରତୀୟ ଓ ମହାକାଶକୁ ଯାତ୍ରା କରିବାରେ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ଭାରତର ମାନବ ମହାକାଶଯାତ୍ରାରେ ଏହା ଏକ ବଡ଼ ଅଗ୍ରଗତି ଏବଂ ଦେଶର ଆଗାମୀ ଗଗନଯାନ ଅଭିଯାନରେ ଏକ ଉତ୍ସାହପ୍ରଦ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଭାରତ ପାଇଁ ନୂଆ ଆରମ୍ଭ ଆକ୍ସମ୍-୪ ଅଭିଯାନରେ ଶୁକ୍ଳାଙ୍କ ଅଂଶଗ୍ରହଣ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)କୁ ମାନବ ମହାକାଶଯାତ୍ରା ଅଭିଯାନରେ ଅମୂଲ୍ୟ ଅଭିଜ୍ଞତା ପ୍ରଦାନ କରିଛି। ଯାହା ଗଗନଯାନର ଯୋଜନା ଓ କାର୍ଯ୍ୟକାରିତାରେ ସାହାଯ୍ୟ କରିବ। ଇସ୍ରୋ ମହାକାଶ ବିଜ୍ଞାନୀମାନେ କହିଛନ୍ତି ଯେ ଶୁକ୍ଳାଙ୍କ ୧୮ ଦିନର ସଫଳ କକ୍ଷପଥ ରହଣି, ମହାକାଶ ମିସନ୍‌ରେ ତାଙ୍କର ଅନୁଭୂତି ଓ ଉନ୍ନତ ବୈଜ୍ଞାନିକ ପରୀକ୍ଷଣ ଭାରତୀୟ ମହାକାଶ ବିଜ୍ଞାନକୁ ଏକ ନୂଆ ଦିଶା ଦେବ। ବିଶେଷ କରି ଅଗାମୀ ଦିନରେ ଭାରତର ମହାକାଶଯାନ ଅପରେସନ୍, ଶୂନ୍ୟରେ ଅତି ସୂକ୍ଷ୍ମ ମାଧ୍ୟାକର୍ଷଣ ଶକ୍ତି ଏବଂ ମିସନ୍ ପରବର୍ତ୍ତୀ ମହାକାଶଚାରୀଙ୍କ ସ୍ୱାସ୍ଥ୍ୟଗତ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ତଥ୍ୟ ଆହରଣରେ ସାହାଯ୍ୟ କରିବ। ଭାରତୀୟ ବିକଶିତ ଜ୍ଞାନକୌଶଳ ସହିତ ଶୁକ୍ଳା କରିଥିବା ବୈଜ୍ଞାନିକ ପରୀକ୍ଷଣ କେବଳ ବିଶ୍ୱ ଗବେଷଣା ପାଇଁ ଲାଭଦାୟକ ହେବ ନାହିଁ, ପରନ୍ତୁ ଭବିଷ୍ୟତର ମହାକାଶ ଷ୍ଟେସନ ଓ ଚନ୍ଦ୍ର ଅଭିଳାଷ ପାଇଁ ମଧ୍ୟ ଭାରତର ସାମର୍ଥ୍ୟକୁ ସୁଦୃଢ଼ କରିବ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ 'କଳିଙ୍ଗ ରତ୍ନ-୨୦୨୪' ସମ୍ମାନ



**କଟକ:** ଏକବିଂଶ ଶତାବ୍ଦୀରେ ଆମେ ଆମର ଓଡ଼ିଆ ଭାଷାକୁ ଶିଖରକୁ ନେବା ପାଇଁ ଉଦ୍ୟମ କରିବା ପାଇଁ ହେବ । ବର୍ତ୍ତମାନର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମରେ ଆମର ଭାଷା ଓ ସାହିତ୍ୟକୁ ସୁସମୃଦ୍ଧ କରିବା ପାଇଁ ବ୍ୟକ୍ତିଗତ ସ୍ତରରେ ପ୍ରଚେଷ୍ଟା କରିବାକୁ ହେବ । ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ପ୍ରତିଦିନ ଗୁଗୁଲ ପରି ପ୍ଲାଟଫର୍ମରେ ଓଡ଼ିଶାର ସଂସ୍କୃତି ଓ ଇତିହାସ ସମ୍ପର୍କରେ କିଛି ପ୍ରଶ୍ନ ପଚାରିବା ଆବଶ୍ୟକ । ଏହା ଦ୍ୱାରା ଆମର ଓଡ଼ିଶା ସମ୍ପର୍କରେ ଡିଜିଟାଲ ଜ୍ଞାନ ଭଣ୍ଡାର ସୁସମୃଦ୍ଧ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କଟକ ଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ଏବଂ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜଗତସିଂହପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଆଦିକବି ସାରଳା ଦାସ ଓଡ଼ିଆ ମହାଭାରତ ରଚନା କରି ଆମ ସାହିତ୍ୟ ଜଗତକୁ ନୂଆ ଦିଗଦର୍ଶନ ଦେଇଥିଲେ । ସେ ଜନ୍ମ ଗ୍ରହଣ କରିଥିବା ଜଗତସିଂହପୁର ଜିଲ୍ଲା ହଜାର ହଜାର ବର୍ଷର ପୁରାତନ ଐତିହ୍ୟର ମୁକସାକ୍ଷୀ । ଏହି ଅଞ୍ଚଳରୁ ଓଡ଼ିଆ ସାଧବ ପୁଅମାନେ ନୌବାଣିଜ୍ୟ କରି ଓଡ଼ିଶାକୁ ବୈଭବ ଆଣିଛନ୍ତି । କଣ୍ଟିଲୋର ପାତ୍ର ସାମଗ୍ରୀ ପରି ଆମ ରାଜ୍ୟରେ ଉତ୍ପାଦନ ହେଉଥିବା ଉତ୍ପାଦ ବିଦେଶରେ ବିକ୍ରି ହେଉଛି, ଯାହା ଆମ ରାଜ୍ୟର ସମୃଦ୍ଧ ବାଣିଜ୍ୟ ଇତିହାସକୁ ପ୍ରତିଫଳିତ କରୁଛି । ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଭାରତର ରାଷ୍ଟ୍ରପତିଙ୍କ *(ପୃଷ୍ଠା-୨)*

# ୪ର୍ଥ ଥର ରାଜ୍ୟ ବିଜେପିର ସଭାପତି ହେଲେ ମନମୋହନ ସାମଲ



**ଭୁବନେଶ୍ୱର:** ମନମୋହନ ସାମଲ ପୁଣି ଥରେ ହେଲେ ବିଜେପି ରାଜ୍ୟ ସଭାପତି ହୋଇଛନ୍ତି ବୋଲି ଜୟସ୍ୱାଲ କହିଛନ୍ତି। ରାଷ୍ଟ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକ। ପୁଣି ୪ର୍ଥ ଥର ରାଜ୍ୟ ବିଜେପିର ସଭାପତି ହୋଇଛନ୍ତି। ଦଳ ପୁଣି ଥରେ ଶ୍ରୀ ସାମଲଙ୍କ ଉପରେ ଆସ୍ଥା ପ୍ରକଟ କରିଛି । ଏହା ସହ ୩୨ ଜଣ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନାଁ ମଧ୍ୟ ଦଳ ଘୋଷଣା କରାଯଇଛି ବୋଲି ଜୟସ୍ୱାଲ କହିଛନ୍ତି। ମନମୋହନ ଭୁବନେଶ୍ୱର ବିଜେପି ରାଜ୍ୟ ମୁଖ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏବଂ ଦଳର ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ଦଳର ଓଡ଼ିଶା ରାଜ୍ୟ ସଭାପତି ପଦ ପାଇଁ ଆନୁଷ୍ଠାନିକ ଭାବରେ ତାଙ୍କର ନାମାଙ୍କନ ଦାଖଲ କରିଥିଲେ। ତାଙ୍କୁ ସଭାପତି ଭାବେ ଘୋଷଣା ଦଳ ଭିତରେ ତାଙ୍କର ଦୃଢ଼ ସମର୍ଥନ ଏବଂ ବ୍ୟାପକ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରିଛି। ତାଙ୍କ ନେତୃତ୍ୱ ଓଡ଼ିଶାରେ ଦଳର ସାଂଗଠନିକ ଗଠନକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

# ପଞ୍ଚଭୂତରେ ଲୀନହେଲେ ସୌମ୍ୟାଶ୍ରୀ

**ଭୋଗରାଇ:** ଜୀବନ ଯୁଦ୍ଧରେ ହାରିଯିବା ପରେ ଆଜି ପଞ୍ଚଭୂତରେ ଲୀନ ହୋଇଛନ୍ତି ବାଲେଶ୍ୱର ଏଫ୍ଏମ୍ କଲେଜର ଛାତ୍ରୀ ସେ ?ମ୍ୟାଶ୍ରୀ ବିଶି ଓରଫ୍ ରୋଜି। ବାଲେଶ୍ୱର



**ଅନ୍ତିମ ବିଦାୟ ଦେଲେ ପରିବାର, ଗ୍ରାମବାସୀ**

ଜିଲ୍ଲା ଭୋଗରାଇ ବ୍ଲକ୍ ଅନ୍ତର୍ଗତ ଜନ୍ମମାଟି ପଳାଶିଆ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୌମ୍ୟାଶ୍ରୀଙ୍କ ମୃତଦେହ ଗାଁରେ ପହଞ୍ଚିବାଠାରୁ ଅଗ୍ନିରେ ବିଲୀନ ହେବା ପର୍ଯ୍ୟନ୍ତ କାନ୍ଦବୋବାଳିରେ ଫାଟି ପଡ଼ିଥିଲା ସମଗ୍ର ଅଞ୍ଚଳ। ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ସାରାଜିଲ୍ଲା ସ୍ତବ୍ଧ ହୋଇଯାଇଛି ।ଗତ ଶନିବାର ଦିନ ଏଫ୍ଏମ୍ କଲେଜ ସହକାରୀ ପ୍ରଫେସରଙ୍କ ନିର୍ଯାତନା ସହି ନପାରି ଦେହରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଦେଇଥିଲେ ସୌମ୍ୟାଶ୍ରୀ। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସୋମବାର ରାତି ୧୧ଟା ୪୬ ମିନିଟ୍ ସମୟରେ ସେ ଜୀବନ ଯୁଦ୍ଧରେ ହାରି ଯାଇଥିଲେ। ଏହାପରେ ଜନ୍ମମାଟି ସୁନାଧରବସାଣ ପଞ୍ଚାୟତ ଅନ୍ତର୍ଗତ ପଳାଶିଆ ଗ୍ରାମକୁ ନିଆଯାଇଥିଲା। ଠିକ୍ ୯ଟା ୧୫ ମିନିଟ୍ ସମୟରେ ମରଶରୀର ଗାଁରେ ପହଞ୍ଚିଲା ବେଳକୁ ସେଠାରେ ଲୋକାରଣ୍ୟ ହୋଇସାରିଥିଲା। ଆତ୍ମୀୟସ୍ୱଜନ, ସାଙ୍ଗସାଥୀ ଓ ଗ୍ରାମବାସୀଙ୍କ କାନ୍ଦବୋବାଳିରେ ସମଗ୍ର ଅଞ୍ଚଳ ଫାଟି ପଡୁଥିଲା। ସୌମ୍ୟାଶ୍ରୀଙ୍କ ଜେଜେ ମା', ମା' ପାଗିଳୀ ପ୍ରାୟ ହୋଇଯାଇଥିବା ବେଳେ ବାପା ଏକପ୍ରକାର ମୂକ ପାଲଟି ଯାଇଥିଲେ। ଘରପାଖରେ ପାଖାପାଖି ୨୦ ମିନିଟ୍ ରହିବାପରେ ନିକଟସ୍ଥ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସୌମ୍ୟାଶ୍ରୀଙ୍କ ପୁତୁରା ଅରବିନ୍ଦ ବିଶି ମୁଖାଗ୍ନି ଦେଇଥିଲେ। ଗତ ଶନିବାରଠାରୁ ରାଜ୍ୟ ତଥା ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଥିବା ସୌମ୍ୟାଶ୍ରୀ ଦୁଃଖଦ ବିଦାୟ ନେଇଥିଲେ।

## ସରିଲା ରଥଯାତ୍ରା

# ରତ୍ନବେଦିରେ ଚତୁର୍ଦ୍ଧାବିଗ୍ରହ



**ପୁରୀ:** ପବିତ୍ର ନବଦିନାତ୍ମକ ରଥଯାତ୍ରା, ରଥ ଉପରେ ସୁନାବେଶ ଓ ଅଧରପଣା ନୀତି ସାରି ଚତୁର୍ଦ୍ଧାମୂର୍ତ୍ତି ରତ୍ନବେଦିରେ ବିରାଜମାନ କରିଛନ୍ତି। ବିଜେ କାହାଳୀ, ଘଣ୍ଟଘଣ୍ଟାର ତାଳେତାଳେ ଗୋଟି ପହଣ୍ଡିରେ ଶ୍ରୀବିଗ୍ରହମାନେ ନୀଳକନ୍ଦରକୁ ବିଜେ କରିଛନ୍ତି। ହରିବୋଲ, ହୁଳହୁଳି ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ସିଂହଦ୍ୱାର କମ୍ପି ଉଠିଛି। ନୀଳାଦ୍ରିବିଜେ ନୀତି ସଂପନ୍ନ ହୋଇଛି। ମହାପ୍ରଭୁ ଆଜି ଠାରୁ ରତ୍ନବେଦିରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ। ଆନନ୍ଦ ବଜାରରେ ବୁଧବାର ଦିନ ଭକ୍ତମାନଙ୍କୁ ନୀଳାଚଳ ଅବଢ଼ା ମିଳିବ। ନୀଳାଦ୍ରି ବିଜେ ନୀତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର କରିଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ, ଆଜି ଭୋର ୪ଟାରେ ତିନି ରଥରେ ମଙ୍ଗଳ ଆଳତି ପରେ ସାଢ଼େ ୪ଟାରେ ମଇଲମ ଓ ତଡ଼ପଲାଗି, ୫ଟାରେ ଅବକାଶ ନୀତି ପରେ ସାଢ଼େ ୫ଟାରେ ବେଶ ଶେଷ ହୋଇଥିଲା। ଗୋପାଳବଲ୍ଲଭ, ସକାଳଧୂପ, ମଇଲମ, ଯାତ୍ରାଙ୍ଗୀ ମହାସ୍ନାନ ଓ ସର୍ବାଙ୍ଗ, ବେଶ ଶେଷ, ମଧ୍ୟାହ୍ନ ଧୂପ, ମଇଲମ ଓ ବେଶ, ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ତିନି ରଥରେ ଚାରବନ୍ଧା ସରିବା ପରେ ସାଢ଼େ ୩ଟାରେ ସିଂହାସନ ମାଜଣା କରାଯାଇଥିଲା। ପୁଷ୍ପାଞ୍ଜଳି ପରେ ସନ୍ଧ୍ୟା ପ୍ରାୟ ୭ଟାରେ ପହଣ୍ଡି ଆରମ୍ଭ କରାଯାଇଥିଲା। ମହାପ୍ରଭୁଙ୍କ ଘୋଷଯାତ୍ରା ନେଇ ଲକ୍ଷ୍ମୀ ଠାକୁରାଣୀ ବିମୁଖ ଥିଲେ। ଏହି କାରଣରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ ବେଳେ ଲକ୍ଷ୍ମୀ ଠାକୁରାଣୀଙ୍କ ରୋଷର ଶିକାର ହୋଇଥିଲେ। ଚାହାଣି ମଣ୍ଡପରୁ ମା' ଲକ୍ଷ୍ମୀ ଠାକୁରାଣୀ ପ୍ରଭୁଙ୍କ ଆଗମନକୁ ଦେଖି ଅଭିମାନରେ ନୀଳଦ୍ରି ବିଜେ ପୂର୍ବରୁ ସହଚରୀମାନଙ୍କ ଦ୍ୱାରା *(ପୃଷ୍ଠା-୨)*


SCCL: Blending Growth with Green Values



Grownup plantation on Dorli OB dumps



Eco mining with surface miner



Eco - measures in coal transport



Summer storage tank



Eco-parks



Eco-colonies

Since 1889
THE SINGARENI COLLIERIES COMPANY LIMITED
(A Govt Company)
Kothagudem, Bhadradri Kothagudem District, Telangana, 507101



## ଅବଶିଷ୍ଟାଂଶ...

### ରଥରେ ଚଢିବା ଓ ଠାକୁରଙ୍କୁ...

ଏହି ବକ୍ତବ୍ୟ ପରେ ସରକାରୀ ନିଷେଧ ଲାଗୁହେଲା ଓ ସର୍ବସାଧାରଣଙ୍କୁ ଠାକୁରଙ୍କୁ ଛୁଇଁବା ପାଇଁ ବାରଣ କରାଗଲା। ପ୍ରଥମତଃ, ଯଦି ଏହା ଏକ ପାପ, ତେବେ ଏତେ ଶତାବ୍ଦୀ ଧରି ଶତଶତ ଭକ୍ତ ଠାକୁରଙ୍କୁ ଛୁଇଁଛନ୍ତି — ସେମାନେ କଣ ଅଜାଣତରେ ପାପ କରିଛନ୍ତି ? ଏହା ନିହାତି ଅନ୍ୟାୟ। ଭକ୍ତ ତାଙ୍କ ଭଗବାନ୍ ?ଙ୍କ ନିକଟକୁ ଯିବାକୁ ବଞ୍ଚିତ ହେଉଛନ୍ତି, ଯେଉଁଠାରେ ମହାପ୍ରଭୁ ନିଜେ ଆଗକୁ ହାତ ବଢ଼ାଇ ସମସ୍ତଙ୍କୁ ଆଲିଙ୍ଗନ କରିବାକୁ ଚାହୁଁଛନ୍ତି। ଏହି ଧାର୍ମିକ ସ୍ୱାଭିମାନ, ଏହି ଦିବ୍ୟ ଅଧିକାର ପୁଣିଥରେ ସମସ୍ତଙ୍କୁ ମିଳିବା ଉଚିତ। ଏହି ନିଷେଧ ଦ୍ୱାରା ଜଣେ ଦଳିତ, ଜଣେ ଗାଁର ଭକ୍ତ, ଜଣେ ଦୁଃଖୀ ଲୋକ ଜେତେବେଳେ ଠାକୁରଙ୍କୁ ଛୁଇଁ ପାରୁନାହାନ୍ତି, ସେତେବେଳେ ସେମାନେ ଅନ୍ତର୍ନିହିତ ଭାବରେ ବିବେଚନାର ଶିକାର ହେଉଛନ୍ତି। ଏହା ମାନବତା, ଭକ୍ତି ଓ ଦେବ ଭାବନା ଉପରେ ଏକ ଶକ୍ତଆଘାତ। ରାଜ୍ୟ ସରକାର, ମଠ ଓ ଶ୍ରୀମନ୍ଦିର ପ୍ରଶାସନଙ୍କ ଉଚିତ ହେଉଛି ଏହି ନିଷେଧକୁ ପୁନଃବିଚାର କରିବା , ଯଥାଯଥ ପରିଚାଳନା ଓ ନିୟମ ପାଳନ ସହିତ ଭକ୍ତମାନେ କିପରି ଠାକୁରଙ୍କୁ ଛୁଇଁ ପାରିବେ — ଏହା ଭକ୍ତ ଓ ଠାକୁରଙ୍କ ମଧ୍ୟରେ ସେଇ ଦିବ୍ୟ ବନ୍ଧନକୁ ଆହୁରି ଘନିଷ୍ଠ କରିବ। ଭବସାଗରରୁ ଉଦ୍ଧାରିବା ପାଇଁ ଯେଉଁ ମହାପ୍ରଭୁ ବଡଦାଣ୍ଡକୁ ଆସନ୍ତି, ସେଠାରେ ମନରେ ଅନେକ ଭାବ ନେଇ ଆସିଥିବା ଭକ୍ତ ସ୍ପର୍ଶରୁ ବଞ୍ଚିତ ହେବା ଏକ ଅଭିଶାପ ବୋଲି ବ୍ୟଖ୍ୟା କରାଯିବ। ଏହି ନିଷେଧକୁ ଉଠାଇ ଦେଇ ଓ ଶ୍ରୀଜୀଉଙ୍କ 'ପତିତପାବନ' ରୂପକୁ ପୁନଃ ସ୍ଥାପିତ କରିବାର ସମୟ ଆସିଛି । ଜୟ ଜଗନ୍ନାଥ।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର...

କରକମଳରୁ ମର୍ଯ୍ୟାଦାଜନକ 'କଳିଙ୍ଗ ରତ୍ନ-୨୦୨୪' ସମ୍ମାନରେ ବିଭୂଷିତ ହୋଇଛନ୍ତି । ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିବା ମୋ ପାଇଁ ଗର୍ବ ଓ ଅତ୍ୟନ୍ତ ଭାବାବେଗର ବିଷୟ । ଜଣେ ଓଡ଼ିଆ ଭାବରେ ମୋ ପାଇଁ ଏହା ବହୁତ ବଡ଼ ସମ୍ମାନ । ଏହାକୁ ମୁଁ ଶବ୍ଦରେ ବାଖ୍ୟା କରିପାରିବି ନାହିଁ । ଏହି ସମ୍ମାନ ମୋର ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆଙ୍କର । ଏକ ସାରସ୍ୱତ ସାହିତ୍ୟ ସଭାରେ ମୋତେ ଏହି ସମ୍ମାନର ଅଧିକାରୀ ଭାବେ ଯୋଗ୍ୟ ଭାବିଥିବାରୁ ଶ୍ରୀ ପ୍ରଧାନ ମାନ୍ୟବର ରାଷ୍ଟ୍ରପତି, ସାରଳା ସାହିତ୍ୟ ସଂସଦ ଏବଂ ଚୟନ କମିଟିକୁ ଧନ୍ୟବାଦ ଜଣାଇଛନ୍ତି । ଆଜିର ଦିନ ମୋର ସାମାଜିକ ଓ ରାଜନୈତିକ ଜୀବନରେ ଚିର ସ୍ମରଣୀୟ ହୋଇରହିବ । ଏହି ସାରସ୍ୱତ ସାହିତ୍ୟ ସଭାରେ ରାଷ୍ଟ୍ରପତି ଉପସ୍ଥିତି ରହି ଆଦିକବି ସାରଳା ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଯଥୋଚିତ ସମ୍ମାନ ଦେଇଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ, ବିଶିଷ୍ଟ ଲେଖିକା ଦ୍ମଭୂଷଣ ପ୍ରତିଭା ରାୟ ପ୍ରମୁଖ ଯୋଗଦେଇଥିଲେ ।

### ସରିଲା ରଥଯାତ୍ରା...

ସିଂହଦ୍ୱାରକୁ ବନ୍ଦ କରି ଦେଇଥିଲେ। ଏହି ନୀତି ପାଳନ ଅବସରରେ କିଛି ସମୟ ପାଇଁ ସିଂହଦ୍ୱାର ବନ୍ଦ ରଖାଯାଇଥିଲା। ପରେ ମହାପ୍ରଭୁ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମାନଭଞ୍ଜନ କରି ସିଂହଦ୍ୱାର ବାଇଶି ପାହାଚ ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। କିନ୍ତୁ ଜଗମୋହନକୁ ପ୍ରବେଶ କରିବା ପରେ ପୁଣି ଥରେ ଜୟବିଜୟ ଦ୍ୱାରଠାରେ ବିରୋଧର ସମ୍ମୁଖୀନ ହୋଇଥିଲେ ମହାପ୍ରଭୁ। ଶ୍ରୀମନ୍ଦିର ଜୟବିଜୟ ଦ୍ୱାରକୁ ମା' ଲକ୍ଷ୍ମୀଙ୍କ ସହଚରୀମାନେ କ୍ଷଣକ ପାଇଁ ବନ୍ଦ କରି ଦେଇଥିଲେ। ଏଠାରେ ମହାପ୍ରଭୁଙ୍କ ସହଚର ଓ ମା' ଲକ୍ଷ୍ମୀଙ୍କ ସହଚରୀଙ୍କ ମଧ୍ୟରେ ପାରମ୍ପରିକ ବଚନିକା ପରେ ଜୟବିଜୟ ଦ୍ୱାର ଖୋଲିଥିଲା।

### ଆତ୍ମପ୍ରେମ...

ଗୋଟେ ଭାରସାମ୍ୟ ଆବଶ୍ୟକ । ସୁସ୍ଥ ଆତ୍ମପ୍ରେମ ମାନବପ୍ରେମର ଅଣୁଘୋଟକ ଓ ଘାତକ ନୁହେଁ । ଆଜି ଯେଉଁ ଆତ୍ମପ୍ରେମରେ ଅନେକ ଅଭ୍ୟସ୍ତ ହୋଇ ଉଠୁଛନ୍ତି ଏବଂ କ୍ରମଶଃ ଅଧିକ ଏକାକୀତ୍ୱରେ ସଢୁଛନ୍ତି, ତାହା ଭୋଗବାଦର ଶାଖା ପ୍ରଶାଖା । ଏହା ନିଜକୁ ସାରା ବିଶ୍ୱର କେନ୍ଦ୍ରରେ ରଖିବାର ପ୍ରବଣତା । ଏହା ଫଳରେ ନିଜ ହାତ ମୁଠାରେ ଦୁନିଆକୁ ପାଇ ମଧ୍ୟ ଅନେକ ଏକା । ବିନୋଦନର ସମସ୍ତ ସାଧନ ଥାଇ ମଧ୍ୟ ଏକା । ସାମାଜିକ ଗଣମାଧ୍ୟମରେ ଅତ୍ୟନ୍ତ ସକ୍ରିୟ ଥାଇ ମଧ୍ୟ ଏକା । ଆଜିର ପୃଥିବୀ ଏମିତିରେ ହିଁ ବିଭକ୍ତ । ଅର୍ଥନୈତିକ ବୈଷମ୍ୟରେ, ମତାଦର୍ଶରେ ବିଭକ୍ତ, ସୁଦୂର ଇତିହାସରେ ଘଟିଥିବା କୌଣସି ଘଟଣା ପ୍ରେକ୍ଷୀରେ ବିଭକ୍ତ । ବିଚ୍ଛେଦ-ସଂସ୍କୃତିର ଚାଷ ହେଉଛି ସାରା ବିଶ୍ୱରେ । ବାଣିଜ୍ୟ ଏବଂ ରାଜନୀତି, ଉଭୟେ ନିଜ ସ୍ୱାର୍ଥରେ ବିଚ୍ଛେଦକୁ ପ୍ରୋତ୍ସାହନ ଦିଅନ୍ତି । ତେଣୁ ସମାଜରେ ସଂଯୋଗ ପରିବର୍ତ୍ତେ ବିଚ୍ଛିନ୍ନତା ବଢୁଛି । ପାରସ୍ପରିକ ନିର୍ଭରତା ଓ ସହଯୋଗ ବଦଳରେ ଚୂଡ଼ାନ୍ତ ସ୍ୱାଧୀନତାକୁ ଅଧିକ ପସନ୍ଦ କରାଯାଉଛି । ସମଷ୍ଟି ବଦଳରେ ବ୍ୟକ୍ତିକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହା ଫଳରେ ଜନ୍ମ ନେଉଛି ଏକ ମାରକ ଏକାକୀତ୍ୱ । ଇଂରାଜୀରେ ଦୁଇଟି ଶବ୍ଦ ଅଛି - ସଲିଚ୍ୟୁଡ ଏବଂ ଲୋନଲିନେସ । ଉଭୟର ଭୌତିକ ଅର୍ଥ ଏକା । କିନ୍ତୁ ଦ'ସଲିଚ୍ୟୁଡଦ' ହେଲା ସକାରାତ୍ମକ । ଏହା ପ୍ରଶାନ୍ତି ଆଣେ । ଦ'ଲୋନଲିନେସଦ' ନକାରାତ୍ମକ । ଏହା ମଣିଷକୁ ନିଦାରୁଣ ଭାବେ ଏକ କରିଦିଏ । ଏହି ଏକାକୀତ୍ୱ ଏକ ମହାମାରୀର ଆକାର ଧାରଣ କଲାଣି । ନିଜକୁ ସମାଜଠୁ ପୃଥକ କରିଦେବାର ପ୍ରବଣତା ଉଦବେଗ ଓ ବିଷର୍ଣ୍ଣତାକୁ ଜନ୍ମ ଦିଏ । ଆତ୍ମପ୍ରେମର ଦ୍ୱାହି ଦେଇ ମାତ୍ରାତିରିକ୍ତ ଭୋଗବାଦ ଚକ୍ରାକାରରେ ଗୋଟେ ଲୁପରେ ଆବର୍ତ୍ତିତ ହୁଏ ଏବଂ ଏକ କୁଟିଳ ଚକ୍ର ସୃଷ୍ଟି କରେ । କେବଳ ମାନସିକ ନୁହେଁ, ଏହାର ଶାରୀରିକ ପ୍ରଭାବ ମଧ୍ୟ ଅତ୍ୟନ୍ତ ଭୟାନକ ଓ ବିକୃତ ବ୍ୟକ୍ତିବାଦ ନିଜକୁ ଭଲପାଇବାର ବା ଆତ୍ମପ୍ରେମର ଛଦ୍ମବେଶରେ ଏକାକୀତ୍ୱର ଚୋରା ସ୍ରୋତ ମାତ୍ର । ସୁଫି କବି ରୁମୀ (୧୨୦୭-୧୨୭୩) ତାଙ୍କ ସମୟରେ ଲେଖିଥିଲେ, "ଆସନ୍ତୁ ଆମେ ପରସ୍ପରକୁ ଭଲ ପାଇବା । ପରସ୍ପରକୁ ହରେଇବା ପୂର୍ବରୁ ପରସ୍ପରକୁ ଲାଳନପାଳନ କରିବା ।" ସମୟ ଆସିଛି ମାଇଲି ସୈରସଙ୍କ ସହିତ ରୁମିଙ୍କୁ ମଧ୍ୟ ପଢ଼ିବାର ଏବଂ ବୁଝିବାର । ଏକାକୀତ୍ୱର ଅନ୍ଧଗଳିରେ ହଜି ଯିବା ପୂର୍ବରୁ ସମାଜକୁ ଆପଣେଇ ନେବାର ।

*ସଂଚାର ମାର୍ଗ, ଢେଙ୍କାନାଳ ୭୫୯୦୦୧*
*(ଲେଖକ ସକ୍ରିୟ ସାମ୍ବାଦିକତାରୁ ଗଣମାଧ୍ୟମ ଶିକ୍ଷା କ୍ଷେତ୍ରକୁ ଆସିଛନ୍ତି । ମତାମତ ବ୍ୟକ୍ତିଗତ ।)*

### ଶ୍ରୀଗୁଣ୍ଡିଚା ଯାତ୍ରାର...

୧୦.ଘୃତ (ଦର୍ଶନ) ମନ୍ତ୍ର - "ଓଁ ତେଜୋଽସି ଶୁକ୍ରମସ୍ୟମୃତମସି ଧାମ ନାମାସି । ପ୍ରିୟଂ ଦେବାନା ମନାଧୃଷ୍ଟଂ ଦେବୟଜନମ୍ ॥" (କାଣ୍ୱସଂହିତା- ୧ । ୪୯) ୧୧.ଅକ୍ଷତ (ଲାଗି) ମନ୍ତ୍ର - " ଓଁ ଅନ୍ନପତେଽନ୍ନସ୍ୟ ନୋ ଦେହ୍ୟନମୀବସ୍ୟ ଶୁଷ୍ମିଣଃ । ପ୍ରପଦାତାରଂ ତାରିଷ ଉର୍ଜଂ ନୋ ଧେହି ଦ୍ୱିପଦେ ଚତୁଷ୍ପଦେ । ବିଶ୍ୱକର୍ମଣେ ସ୍ୱାହା ॥" (କାଣ୍ୱସଂହିତା - ୧୨ । ୮୪) ୧୨.ସ୍ୱର୍ଣ୍ଣ ଅଳଙ୍କାର(ଲାଗି) ମନ୍ତ୍ର - "ଓଁ ଅଳଙ୍କରଣମସି ଭୂୟୋଽଳଙ୍କରଣଂ ମେ ଭୂୟାତ୍" ॥ ୧୩.ବସ୍ତ୍ର (ଲାଗି) ମନ୍ତ୍ର - "ଓଁ ପରିଧାସ୍ୟୈ ଯଶୋଧାସ୍ୟୈ ଦୀର୍ଘାୟୁତ୍ୱାୟ ଜରଦଷ୍ଟିରସ୍ମି । ଶତଂଚଜୀବାମି ଶରଦଃ ପୁରୂଚୀ ରାୟସ୍ପୋଷମଭିସଂବ୍ୟୟିଷ୍ୟେ ॥" (ପାରସ୍କରଗୃହ୍ୟସୂତ୍ର - ୨।୬।୨୦) ୧୪.ଚନ୍ଦନ(ଲାଗି) ମନ୍ତ୍ର - "ଓଁ ଗନ୍ଧଦ୍ୱାରାଂ ଦୁରାଧର୍ଷାଂ ନିତ୍ୟପୁଷ୍ଟାଂ କରିଷିଣୀମ୍। ଈଶ୍ୱରୀଂ ସର୍ବଭୂତାନାଂ ତ୍ୱାମିହୋପହ୍ୱୟେ ଶ୍ରିୟମ୍ ॥ (ଇତି ମଙ୍ଗଳାରୋପଣ ବିଧି) ଏଠାରେ ଉଲ୍ଲେଖଯୋଗ୍ୟଯେ ମଙ୍ଗଳାର୍ପଣ ବିଧି ଷୋଡ଼ଶ ଦ୍ରବ୍ୟାଦିରେ ସମ୍ପନ୍ନ ହେଉଥିଲେ ହେଁ ଶ୍ରୀମନ୍ଦିରର ମଙ୍ଗଳାରୋପଣ ନୀତିରେ ବରକୋଳି ପତ୍ର ଓ ସିନ୍ଦୂର ବ୍ୟବହୃତ ହୋଇନଥାଏ। ଦାରୁବ୍ରହ୍ମରୂପୀ ଶ୍ରୀବିଗ୍ରହଙ୍କର ମଙ୍ଗଳାର୍ପଣ ବିଧିରେ ୧୪ଟି ଜନିଷାତ୍ ବ୍ୟବହାର ହୋଇଥାଏ। ପ୍ରାଚୀନ ଯୁଗରୁ ପ୍ରଚଳିତ ବୈଦିକ ଓ ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ମୃତ୍ତିକା କପାଳରେ ଲଗାଇବାର ଅର୍ଥ ଭୂମି ବାଧା ଦୂରୀଭୂତ ଓ ଆକସ୍ମିକ ଦୁର୍ଘଟଣାରୁ ନିଜକୁ ରକ୍ଷା କରିବା। ଦୂର୍ବା ଧାରଣର ଅର୍ଥ ଦୁଷ୍ଟ ଗ୍ରହରୁ ରକ୍ଷା ପାଇବା। ପୁଷ୍ପ ଧାରଣ ଦ୍ୱାରା ଅପରକୁ ଆନନ୍ଦ ପ୍ରଦାନ କରିବା। ଗୋରଚନା ଲାଗି ଦ୍ୱାରା ଅନ୍ୟକୁ ଆକର୍ଷିତ କରିବା, ଦର୍ପଣ ଦର୍ଶନ ଦ୍ୱାରା ନିଜକୁ ସନ୍ତୋଷ କରିବା, ଦଧି ଦର୍ଶନ ଦ୍ୱାରା ଶତ୍ରୁକୁ ମୋହନ କରିବା, ଶ୍ୱେତ ସୋରିଷ ଅର୍ପଣରେ ଅପଗ୍ରହ ବା ଅପବର୍ଗ ନାଶନ ଏବଂ ଅଳଙ୍କାର ଲାଗିରେ ଶ୍ରୀବର୍ଦ୍ଧନାର୍ଥ ଅଟେ। ବୈଦିକ ମନ୍ତ୍ରରେ ଏହି ଦ୍ରବ୍ୟାଦି ଅର୍ପଣରେ ସମସ୍ତ ପ୍ରକାର ମଙ୍ଗଳ ମନାସ ହେଉଥିବାରୁ ଏହାକୁ ମଙ୍ଗଳାରୋପଣ ବା ମଙ୍ଗଳାର୍ପଣ ନାମରେ ଅଭିହିତ କରାଯାଇଛି। ଶ୍ରୀଗୁଣ୍ଡିଚା ଯାତ୍ରା ମହାପ୍ରଭୁଙ୍କର ଏକ ଯାତ୍ରାକାଳୀନ ଉତ୍ସବ ହେଉଥିବା ଯୋଗୁଁ ମଙ୍ଗଳାର୍ପଣ ବିଧି ଅନୁଷ୍ଠିତ ହୋଇଥାଏ।

*ମହାନିର୍ଦ୍ଦେଶକ, ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ, ଭାରତ*
*ଶ୍ରୀଜଗନ୍ନାଥ ଧାମ, ପୁରୀ, ମୋ: ୯୪୩୭୨୮୧୧୦୨*
**drbhaskarmishra@gmail.com**

## ଶ୍ରୀମନ୍ଦିର ପ୍ରଶାସନ ମିଳିତ ଆନୁକୂଲ୍ୟରେ ବିଶ୍ୱନିଅନ୍ତାଙ୍କ ରଥସେବା ସମ୍ମାନ ପ୍ରଦାନ କରାଯାଉ




ପୁରୀ: ଉତ୍ତରପ୍ରଦେଶରେ ମହାକୁମ୍ଭ ସରିଲା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶାସନିକ ଅଧିକାରୀ ଙ୍କ ଠାରୁ ଆରମ୍ଭ କରି ସଫାଇ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଠିକ ଏହିପରି ୪ ବର୍ଷ ଧରି ରଥଯାତ୍ରାପରେ ଶ୍ରୀଶ୍ରୀକ୍ଷେତ୍ର ସୂଚନା, ପୁରୀ ବିଶ୍ୱନିୟନ୍ତାଙ୍କ ରଥସେବା ସମ୍ମାନ ସମସ୍ତ ସେବାୟତଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ, ରଥ ବିଶ୍ୱକର୍ମା, ପୁଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଆସୁଛି । ଚଳିତ ବର୍ଷ ମଧ୍ୟ ଏହି ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିବା ପାଇଁ ଶ୍ରୀ ମନ୍ଦିର ପ୍ରସାଶନ ମିଳିତ ଆନୁକୁଲ୍ୟାରେ ହେବ ବୋଲି ମାନ୍ୟବର ଆଇନି ମନ୍ତ୍ରୀ ସୂଚନା ପ୍ରଦାନ କରିଥିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବ ପ୍ରତିବର୍ଷ ଖୁବ୍ ଆଡମ୍ବର ସହକାରେ ଅନୁଷ୍ଠିତ ହେଇଆସୁଥିବାବେଳେ ଚଳିତ ବର୍ଷ ମଧ୍ୟ ଏହାକୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଗହଣରେ ରଥଯାତ୍ରାରେ ସାମିଲ ଥିବା ସେବାୟତ ଏବଂ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏହି ସମ୍ବର୍ଦ୍ଧନା ଉତ୍ସବକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଆଇନି ମନ୍ତ୍ରୀ ଅନୁରୋଧ ବିଶ୍ୱନିୟନ୍ତାଙ୍କ ରଥସେବା ସମ୍ମାନ କାର୍ଯ୍ୟକ୍ରମ ଶ୍ରୀ ମନ୍ଦିର ପ୍ରସାଶନ ମିଳିତ ଆନୁକୁଲ୍ୟରେ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କଲେ ଏକ ନୂତନ ପରମ୍ପରା ସୃଷ୍ଟି ହୋଇ ପାରିବ ବୋଲି ଅନୁଷ୍ଠାନର ଅଧକ୍ଷ ହରେକୃଷ୍ଣ ଶତପଥୀ ପ୍ରକାଶ କରିଛନ୍ତି

## ଜିଲ୍ଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ




**ପୁରୀ:** ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଜିଲ୍ଲା ସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା ତଥା ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ ଚଞ୍ଚଳ ରାଣା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଆଇନ ରେ ରହିଥିବା ବ୍ୟବସ୍ଥା ଆଧାର ରେ ସେମାନଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ ।ସେମାନଙ୍କ ପ୍ରତି ନିର୍ଯ୍ୟାତନା କ୍ଷେତ୍ରରେ ସହାୟତା, ଇଣ୍ଟର କାଷ୍ଟ ବିବାହ କ୍ଷେତ୍ରରେ ସହାୟତା ଇତ୍ୟାଦି ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଅନେକ ସମୟରେ ମାମଲା ଗୁଡିକ ର ସତ୍ୟତା ଉପରେ, ଜାତି ଗତ ପ୍ରମାଣ ପତ୍ର ସମ୍ପର୍କରେ ମଧ୍ୟ ପ୍ରଶ୍ନ ଉଠିଥାଏ ।ତେଣୁ ଯୁଗ୍ମ ତଦନ୍ତ ସମୟରେ ସଠିକ ଭାବେ ଏହାର ଅନୁଧ୍ୟାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ବ୍ୟାପକ ସଚେତନତା ମାଧ୍ୟମରେ ହିତାଧିକାରୀଙ୍କୁ ଅବଗତ କରାଇବା, ମାମଲା ଗୁଡିକ ର ସଠିକ ଅନୁଧ୍ୟାନ କରିବା, ସାହାଯ୍ୟ କରୁଥିବା ନାମରେ ଫାଇଦା ନେବାକୁ ଚାହୁଁ ଥିବା କିଛି ବ୍ୟକ୍ତି ଙ୍କ ସମ୍ପର୍କରେ ତଦନ୍ତ ସହ ସତ୍ୟ ପ୍ରମାଣିତ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ପର୍କରେ ଆଲୋକପାତ କରିଥିଲେ ।କ୍ଷତିଗ୍ରସ୍ତ ବ୍ୟକ୍ତି ଙ୍କୁ ଆର୍ଥିକ ସହାୟତା କ୍ଷେତ୍ରରେ ପୂର୍ବରୁ ଅଫ ଲାଇନରେ ଆବେଦନ କରିବାକୁ ପଡୁଥିଲା ବେଳେ ୧୨ ୧୦ ୨୦୨୨ ତାରିଖ ଠାରୁ ଅନଲାଇନ ସାକାର ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି।

## ନୂତନ ଜିଲ୍ଲାପାଳ ହେଲେ ଚଞ୍ଚଳ ରାଣା ଏସ୍‌ପି ପିନାକ ମିଶ୍ର



**ପୁରୀ:** ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଡ଼ ଖୋଲିବା ସମୟରେ ଦଳାଚକଟାରେ ତିନି ଜଣ ଭକ୍ତଙ୍କ ପ୍ରାଣହାନି ଘଟଣାରେ ବଦଳିଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ତୁରନ୍ତ କାର୍ଯ୍ୟରେ ଯୋଗ ଦେଇଛନ୍ତି ନୂଆ ଜିଲ୍ଲାପାଳ ଚଞ୍ଚଳ ରାଣା। ଶ୍ରୀ ରାଣା ଶରଧାବାଲିରେ ପହଞ୍ଚି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ସେ କହିଛନ୍ତି, ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ରଥଯାତ୍ରା ଶୃଙ୍ଖଳିତ କରିବାକୁ ଉଦ୍ୟମ କରିବୁ। ଭକ୍ତମାନେ ଯେଭଳି ଏକ ସୁଖଦ ଅନୁଭୂତି ନେଇ ଫେରିବେ ତାହା ଆମେ ନିଶ୍ଚିତ କରିବୁ। ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳା ଆମର ପ୍ରାଥମିକତା ରହିବ ବୋଲି ସେ ଏହି ଅବସରରେ କହିଛନ୍ତି। ସେହିପରି ପୁରୀର ନୂତନ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପିନାକ ମିଶ୍ର। ଶ୍ରୀଗୁଣ୍ଡିଚା ଦିନ ଭକ୍ତ ରଥ ଦଉଡ଼ି ନେଇ ପଳେଇଲେ। ରଥରେ ବନ୍ଧା ହୋଇ ନଥିଲା, ଲୋକେ ଟାଣିନେଲେ। ସେବେଠାରୁ ପରିଚାଳନାଗତ ତ୍ରୁଟିକୁ ସୁଧାରି ନାହାନ୍ତି। ଏବେ ଭକ୍ତଙ୍କୁ ମାରିଦେଲେ। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ପୁରୀ ଶରଧାବାଲିରେ ଉପୁଜିଥିବା ଅଭାବନୀୟ ସ୍ଥିତି ଯୋଗୁଁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ଅତ୍ୟନ୍ତ ଦୁଃଖଦାୟକ। ଦିବଙ୍ଗତ ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି। ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମଧ୍ୟ ନିର୍ଦ୍ଦେଶ ହୋଇଛି।

## ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

**ପୁରୀ:** ପୁରୀ ବେଳାଭୂମି ରେ ଜିଲ୍ଲା ପ୍ରଶାସନ ଓ ଓରମାସ ପକ୍ଷରୁ ଆରମ୍ଭ ହୋଇଥିବା ପଲ୍ଲିଶ୍ରୀ ମେଳା ଉଦଯାପିତ ହୋଇ ଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଚଞ୍ଚଳ ରାଣା ଯୋଗ ଦେଇ ଏହି ମେଳା ମାଧ୍ୟମରେ ଆମ ଗ୍ରାମୀଣ ଶିଳ୍ପୀ ଓ କଳାକାର ମାନେ କେବଳ ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶନ କରୁ ନାହାନ୍ତି ତା ସହ ଆର୍ଥିକ ଅଭିବୃଦ୍ଧି ମଧ୍ୟ କରୁଛନ୍ତି ବୋଲି କହିଥିଲେ। ଏହି ମେଳାରେ ୨୬୭ଟି ଷ୍ଟଲରେ ବିଭିନ୍ନ ପ୍ରକାରର ହସ୍ତତନ୍ତ, ହସ୍ତଶିଳ୍ପ, ଜୈବିକ ଉତ୍ପାଦ, ବନଜାତ ଦ୍ରବ୍ୟ, ଟେରାକୋଟା ସାମଗ୍ରୀ, ଆଦିବାସୀ ଅଳଙ୍କାର, ବାଜରା ଆଧାରିତ ସୁସ୍ୱାଦୁ ଖାଦ୍ୟ, ପ୍ରାକୃତିକ ତେଲ, ପାରମ୍ପରିକ ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା।

## ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି: ପୁରୀ ହେବ ମହାନଗର ନିଗମ

**ଭୁବନେଶ୍ୱର:** ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବଡ଼ ଘୋଷଣା କରିଛନ୍ତି। ଆଧ୍ୟାତ୍ମିକ ସହର 'ପୁରୀ'କୁ ମହାନଗର ନିଗମରେ ପରିଣତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି। ପୁରୀ ସହରକୁ ପ୍ରତିଦିନ ଲକ୍ଷଲକ୍ଷ ଭକ୍ତମାନଙ୍କର ଆଗମନ ଓ ଏଠାକାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପୁରୀରେ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ପାଠାଗାର ଓ ଗବେଷଣା କେନ୍ଦ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁରୀ ଆଉ ପୌରାଞ୍ଚଳରେ ସୀମିତ ରହିବ ନାହିଁ। ଏହାର କଳେବର ବୃଦ୍ଧି ପାଇବ। ଶ୍ରୀ ଜଗନ୍ନାଥ ସଂସ୍କୃତି, କିମ୍ବଦନ୍ତୀ ଓ ଇତିହାସର ପ୍ରଚାର ପ୍ରସାର ହେବ। ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯିବ। ନାଗରିକମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ସାଙ୍ଗକୁ, ବହୁବିଧ ସେବା, ପର୍ଯ୍ୟଟକଙ୍କ ଚର୍ଚ୍ଚା ଦ୍ୱାରା ଏକ ବିରାଟ ସକାରାତ୍ମକ ପରିବର୍ତ୍ତନ ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ପବିତ୍ର ପୁରୀ ସହରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଜାରି ରହିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ପବିତ୍ର ପୁରୀ ସହରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଜାରି ରହିଛି। ବାହୁଡ଼ା ଯାତ୍ରା ପାଇଁ ମହାପ୍ରଭୁ ଆଜ୍ଞା ଦେଇସାରିଛନ୍ତି। ଏହି ଯାତ୍ରାକୁ ସୂଚାରୁ ରୂପେ ଏବଂ ସୁରକ୍ଷିତ ଢଙ୍ଗରେ ସଂପୂର୍ଣ୍ଣ କରିବା ପାଇଁ ଠାକୁରଙ୍କ ନିର୍ଦ୍ଦେଶରେ ସମସ୍ତେ ନିଜ ନିଜ ସେବା ପ୍ରଦାନ କରୁଛନ୍ତି। ପୁରୀ ଜଗନ୍ନାଥ ଧାମ ସାରା ଭାରତର ସବୁ ଧର୍ମସ୍ଥଳୀ ଠାରୁ ଅନନ୍ୟ। ଏଠାରେ ଭକ୍ତ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ହୋଇ ଯାଆନ୍ତି।

## ରଥ ଡିୟୁଟି ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ପୁରୀ:**ମହାପ୍ରଭୁଙ୍କ ରଥଯାତ୍ରା ରେ ସାମିଲ ହେବା ଏକ ଗୌରବ ର କଥା ।ତେବେ ଏହାକୁ କେବଳ ଡିୟୁଟି ଅପେକ୍ଷା ଯଦି ମହାପ୍ରଭୁଙ୍କ ସେବା ବୋଲି ଭାବି କାର୍ଯ୍ୟ କରିବା ତେବେ ଆନନ୍ଦ ଲାଗିବ ବୋଲି ମତ ଦେଇଛନ୍ତି ଜିଲ୍ଲାପାଳ ଚଞ୍ଚଳ ରାଣା। ଆଜି ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ରଥଯାତ୍ରା କାର୍ଯ୍ୟ ରେ ନିୟୋଜିତ ମାଜିଷ୍ଟ୍ରେଟ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା ।ଏଥିରେ ଯୋଗ ଦେଇ ଜିଲ୍ଲାପାଳ ଶ୍ରୀ ରାଣା ରଥଯାତ୍ରା ଏକ ସାମୁହିକ କାର୍ଯ୍ୟ ।ସମସ୍ତଙ୍କ ସମନ୍ୱୟ ଓ ସହଯୋଗ ରେ ଏହା ସଫଳ ହୋଇଛି ।ମାଜିଷ୍ଟ୍ରେଟ ମାନେ ସେମାନଙ୍କ ଡିୟୁଟି ସମୟରେ ଅନୁଭବ କରିଥିବା ପରିସ୍ଥିତି, ତାହାର ସମାଧାନ,ରଥଯାତ୍ରା ରେ ଶ୍ରଦ୍ଧାଳୁ ଙ୍କ ପାଇଁ ଅଧିକ ଶୃଙ୍ଖଳା ଓ ସୁବିଧା ଲାଗି ଅଭିଜ୍ଞତାକୁ ଆଧାର କରି ନିଜ ନିଜର ମତାମତ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଯାହା ଆଧାର ରେ ଭବିଷ୍ୟତ ପାଇଁ ଅଧିକ ପ୍ରସ୍ତୁତି କରାଯାଇ ପାରିବ ବୋଲି ସେ କହିଥିଲେ ।ପରେ ଦାୟିତ୍ୱ ନିର୍ବାହ କରିଥିବା ମାଜିଷ୍ଟ୍ରେଟ ମାନଙ୍କୁ ମହାପ୍ରଭୁଙ୍କ ପ୍ରସାଦ ପ୍ରଦାନ କରାଯାଇ ବିଦାୟ ଦିଆଯାଇଥିଲା ।ମାଜିଷ୍ଟ୍ରେଟ ମାନେ ସେମାନଙ୍କ ଅନୁଭବ କୁ ବର୍ଣ୍ଣନା ସହ ବିବିଧ ପ୍ରସ୍ତାବ ମାନ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପୁରୀ: ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଆଜି ଜିଲ୍ଲା ସଦର ମହକୁମା ଭୂ ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିବା ସହ ଅଭିଯୋଗ କାରୀଙ୍କ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ। ବିଭିନ୍ନ ଅଧିକାରୀ ମାନଙ୍କ ପାଖକୁ ଯାଉଥିବା ଆବେଦନ ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ଆଇନ ଅନୁଯାୟୀ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ଏଥିରେ ମୋଟ ୯୦ ଅଭିଯୋଗ ମିଳିଥିଲା ।ସେଥିରୁ ୬୫ ଟି ବ୍ୟକ୍ତିଗତ, ୨୦ଟି ଗ୍ରାମ୍ୟ ଅଭିଯୋଗ ସମ୍ପର୍କିତ, ୪ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ, ୧ ଟି ରେଡକ୍ରସ ରୁ ସହାୟତା ସମ୍ପର୍କରେ ରହିଥିଲା ।ତତକ୍ଷଣାତ ୨ଗୋଟି ଅଭିଯୋଗ ର ସମାଧାନ ହୋଇଥିଲା।



## ପୁରୀ ନରେନ୍ଦ୍ର କୋଣସ୍ଥିତ ବାବା ବାଳିକପିଳେଶ୍ୱର ମହାଦେବଙ୍କ ନାମରେ ଥିବା ପଟ୍ଟାକୁ ଚଞ୍ଚକତା ପୂର୍ବକ ଖାରଜ

### ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତଦନ୍ତ ପାଇଁ ଦାବି କଲେ ଟ୍ରଷ୍ଟବୋର୍ଡ ସଦସ୍ୟମାନେ

**ପୁରୀ:** ନରେନ୍ଦ୍ର କୋଣସ୍ଥିତ ବାବା ବାଳିକପିଳେଶ୍ୱର ଦେବମନ୍ଦିର ଟ୍ରଷ୍ଟ ବୋର୍ଡ ଏକ ଧାର୍ମିକ ଅନୁଷ୍ଠାନ ଅଟେ। ଏଠାରେ ବାବା ବାଳିକପିଳେଶ୍ୱର ମହାଦେବ ପୂଜା ପାଇ ଆସୁଛନ୍ତି। ଠାକୁର ଙ୍କ ପଛ ପାର୍ଶ୍ୱରେ ଥିବା ବସନ୍ତ କୁଟୀର କମିଟି ର ଜାଗା ପ୍ଲଟ୍ ନଂ୧୩୫,ଖାତା ନଂ୬୯, କିସମ: ଘରବାରୀ, ଏରିଆ:୦.୦୮୦ ଡେସିମିଲ୍ ସମ୍ବନ୍ଧରୁ ଏରିଆ:୦.୦୦୫.୩୫ ଡେସିମିଲ ଶ୍ରୀ ରାଜେଶ କୁମାର ମହାନ୍ତି ନିଜ ନାମ ରେ ତା ୩୧.୧୨.୨୦୧୯ରିଖ ରେ ସବ୍ ରେଜିଷ୍ଟର, ପୁରୀ ଙ୍କ ଦଲିଲ ନଂ୧୧୪୮୨୦୦୩୩ ମାଧ୍ୟମରେ କ୍ରୟ କରି ପୁନଶ୍ଚ ଉପରୋକ୍ତ ଜମି କୁ ଶ୍ରୀ ଶ୍ରୀ ବାବା ବାଳିକପିଳେଶ୍ୱର ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡ କୁ ସବ୍ ରେଜିଷ୍ଟର, ପୁରୀ ଙ୍କ ଦତ୍ତପତ୍ର ଦଲିଲ ନଂ୧୧୪୮୨୦୦୧୭୪୪ ତା୧୨.୦୫.୨୦୨୦ ମାଧ୍ୟମରେ ଟ୍ରଷ୍ଟକୁ ଦାନ କରିଥିଲେ। ଏ ସମ୍ପର୍କରେ ରାଜସ୍ୱ ନୀରିକ୍ଷକ, ଟାଉନ୍ (ଉତ୍ତର)ଙ୍କ କାର୍ଯ୍ୟାଳୟ, ପୁରୀ ପକ୍ଷ ନୋଟିସ୍ ନଂ୩୬୧୦୯, ମକଦ୍ଦମା ନଂ୨୧୯୯/୨୦୨୦ ଦ୍ୱାରା ରାଜସ୍ୱ ନୀରିକ୍ଷକ ତା୧୭:୦୭:୨୦୨୦ ରିଖରେ ପୁରୀ ତହସିଲଦାର ନିକଟକୁ ଏହି ମ୍ୟୁଟେସନ କେସ୍ ର ଫଇସଲା ନିମନ୍ତେ ଏକ ରିପୋର୍ଟ ପ୍ରଦାନ କରନ୍ତି । ପୁରୀ ତହସିଲଦାର ଅଦାଲତରେ ମ୍ୟୁଟେସନ କେସ୍ ନଂ୨୧୯୯/୨୦୨୦ ବିଚାରଧୀନ ଥିବା ଅବସ୍ଥାରେ ତରବରିଆ ଭାବେ ଉପରୋକ୍ତ ଅଭିଯୋଗକାରି ପୁନରାୟ ଉପ-ଜିଲ୍ଲାପାଳ, ପୁରୀଙ୍କ ଅଦାଲତରେ ଅପିଲ କେସ୍ ୫୨/୨୦୨୦ ତା ୦୮ / ୧୨ /୨୦୨୦ ମକଦ୍ଦମା ଫାଇଲ କରନ୍ତି ଓ ନୋଟିସ ଆସେ ଏହାର ଜବାବରେ ମ୍ୟୁଟେସନ କେସ୍ ନଂ୨୧୯୯/ ୨୦୨୦ ବର୍ତ୍ତମାନ ସୁଦ୍ଧା ଫଇସଲା ହୋଇନାହିଁ ତେଣୁ ଅପିଲ କେସ ୫୨/୨୦୨୦ ଆବଶ୍ୟକତା ନାହିଁ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ଉପ-ଜିଲ୍ଲାପାଳଙ୍କ ଅଦାଲତରେ ଲିଖିତ ଭାବେ ଜଣାଯାଏ। ଶ୍ରୀଜୀଉଙ୍କ ଚଞ୍ଚକତା ପୂର୍ବକ ପଟ୍ଟା ଖାରଜ ଉପଜିଲ୍ଲାପାଳ, ପୁରୀଙ୍କ କାର୍ଯ୍ୟାଳୟ କରିଥିବା ହେତୁ ଟ୍ରଷ୍ଟ ବୋର୍ଡର ସଦସ୍ୟମାନେ କେତେଗୁଡ଼ିଏ ଅଭିଯୋଗ ଉଠାଇଛନ୍ତି। ସେଗୁଡିକ ହେଲା-ମ୍ୟୁଟେସନ କେସ୍ ନଂ୨୧୯୯/୨୦୨୦ ପୁରୀ ତହସିଲଦାର ଅଦାଲତରେ ବିଚାରାଧୀନ ଥିବା ଅବସ୍ଥାରେ କିପରି ଅପିଲ କେସ୍ କରାଯାଇପାରିଲା। ଉପଜିଲ୍ଲାପାଳ, ପୁରୀଙ୍କ ଅଦାଲତରେ ଅପିଲ କେସ ୫୨/୨୦୨୦ ତା ୦୮ /୧୨/୨୦୨୦ ମକଦ୍ଦମା ଗ୍ରହଣ କଲେ କିପରି ? ମ୍ୟୁଟେସନ କେସ୍ ନଂ୨୧୯୯/୨୦୨୦ ପୁରୀ ତହସିଲଦାର ଅଦାଲତରେ ଫଇସଲା ହୋଇ ତା ୨୭/୦୫/୨୦୨୧ ରେ ମହାଦେବଙ୍କ ନାମରେ ପଟ୍ଟା ପ୍ରଦାନ କଲେ। ଉପ ଜିଲ୍ଲାପାଳ, ପୁରୀଙ୍କ ଅଦାଲତରେ ପୂର୍ବରୁ ଅପିଲ କେସ ୫୨/୨୦୨୦ ତା ୦୮ /୧୨/୨୦୨୦ ସାହାରା ନେଇ ସ୍ଥଗିତ ଥିବା ମକଦ୍ଦମାକୁ ପୁନରାୟ ତା ୧୦/୧୦/୨୦୨୪ ଆରମ୍ଭ କରାଯାଇ ଏକତରଫା ଭାବେ ଶୁଣାଣି କରି ଠାକୁରଙ୍କ ନାମରେ ଥିବା ପଟ୍ଟା କୁ ଖାରଜ କରିଦିଆଯାଇଅଛି । ଏହା ସମ୍ପୂର୍ଣ୍ଣ ଭାବରେ ଅସାମ୍ବିଧାନିକ । ଏଥିପାଇଁ ଟ୍ରଷ୍ଟବୋର୍ଡ ପକ୍ଷରୁ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲ୍ଲାପାଳ, ପୁରୀ ଓ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଙ୍କ ନିକଟରେ ପଟ୍ଟା ଖାରଚ ଚଞ୍ଚକତାକୁ ବିରୋଧ କରି ଅଭିଯୋଗ କରାଯାଇଅଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଉକ୍ତ ଅଭିଯୋଗକୁ ତୁରନ୍ତ ତଦନ୍ତ କରି ମହାଦେବଙ୍କ ନାମରେ ପୁନଃ ପଟ୍ଟା ପ୍ରଦାନ କରିବା ପାଇଁ ଟ୍ରଷ୍ଟବୋର୍ଡ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।







# ପୁରୀଠାରେ ଜାତୀୟ ଲୋକମେଳା-କୃଷିମେଳା ୨୦୨୫ ଉଦ୍‌ଯାପିତ

## ଉତ୍କଳୀୟ ସଂସ୍କୃତି ସହ ଭାରତୀୟ ସଂସ୍କୃତିର ମହାମିଳନ ପର୍ବ ଉଦ୍‌ଯାପିତ





### ଲୋକମେଳାକୁ ବିଶ୍ୱମେଳା କରିବା ପାଇଁ ସରକାର ସଂକଳ୍ପ ବଦ୍ଧ: ସମ୍ବିତ ପାତ୍ର

ଶ୍ରୀ ଶ୍ରୀକ୍ଷେତ୍ର ସୁଚନା ପକ୍ଷରୁ ଆୟୋଜିତ ୨୩ ତମ ଲୋକମେଳା ଓ ୧୬ ତମ କୃଷିମେଳାକୁ , ଆଗାମୀ ଦିନରେ ବିଶ୍ୱମେଳା କରିବା ପାଇଁ ସରକାର ସଂକଳ୍ପ ବଦ୍ଧ ବୋଲି କହିଛନ୍ତି ପୁରୀ ଲୋକସଭା ସାଂସଦ ଡଃ ସମ୍ବିତ ପାତ୍ର। ସେହିପରି କୃଷୀ ବହୁଳ ଓଡ଼ିଶା ରେ କୃଷୀ ର ବିକାସ ପାଇଁ ଜାତୀୟ ମେଳା ପରୀ ଏହି କୃଷୀ ମେଳା ର ଆୟୋଜନ ଓଡ଼ିଶା କୁ ସମୃଦ୍ଧ ଓ ବିକଶିତ କରିବ । ଏହି ଲୋକକଳା ମହୋତ୍ସବରେ ଭରତ ବର୍ଷର ୨୦ ଟି ରଜ୍ୟ ୪୦୦ ରୁ ଉର୍ଦ୍ଧ୍ୱ କଳାକାରଙ୍କ ନୃତ୍ୟରେ ନାଚି ଉଠିଥିଲା ପୁରୀ ଓ ସ୍ୱର୍ଣ୍ଣାଭ ବେଳାଭୂମି। ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଥିଲେ ଯେ ଜଗନ୍ନାଥ ସଂସ୍କୃତି ସହ ଭାରତୀୟ ସଂସ୍କୃତିର ଏହି ମହମିଳନକୁ ଏ ଜାତୀ ସ୍ମରଣ ରଖିବ । ଏହାସହ ସମାରୋହରେ ଯେଗାଦେଇଥିଲେ ଭାଜପା ଯୁବମୋର୍ଚ୍ଚାର ସଭାପତି ଜୟନ୍ତ ଦାସ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ। ପୂଜାପଣ୍ଡା ନିଯୋଗର ସଂପାଦକ ମାଧବଚନ୍ଦ୍ର ପୂଜାପଣ୍ଡା ସାମନ୍ତ। ଉତ୍କଳୀୟ ସଂସ୍କୃତି ସହ ଭାରତୀୟ ସଂସ୍କୃତିର ମହାମିଳନ ପର୍ବ ପାଇଁ ଶ୍ରୀଶ୍ରୀକ୍ଷେତ୍ର ସୂଚନା କରିଥିବା ଦୀର୍ଘ ୨୩ ବର୍ଷର ନିଷ୍ଠାପର ପ୍ରୟାସକୁ ଭାରତବର୍ଷ ସ୍ମରଣ ରହିବ ବୋଲି ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଯୋଗଦେଇ କହିଛନ୍ତି। କେବଳ ଲୋକ ସଂସ୍କୃତି ନୁହେଁ, ଯେଉଳି ଭାବେ ୧୬ବର୍ଷ ଧରି ଏହି ଅନୁଷ୍ଠାନ ଓଡ଼ିଶାର କୃଷି ସମୃଦ୍ଧି ପାଇଁ କୃଷିମେଳା ମାଧ୍ୟମରେ ଭାରତବର୍ଷର କୃଷିଭିତ୍ତିକ ଉପକରଣ, କୃଷି ବିଜ୍ଞାନ, ମତ୍ସ୍ୟ ଓ ପଶୁପାଳନ ତଥା ଭାରତୀୟ ପାଣିପାଗ ବିଭାଗକୁ ପୁରୀରେ ସମାବେଶ କରିଛନ୍ତି ବୋଲି ମଧ ଶ୍ରୀ ତ୍ରିପାଠୀ କହିଛନ୍ତି। ଡକ୍ଟର ହରେକୃଷ୍ଣ ଶତପଥୀଙ୍କ ସଭାପତିତ୍ୱ ଓ ସଂପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର , ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱିଦ୍ୟାଳୟର ଡିନ୍ ଏକ୍ସଟେନ୍ସନ ପ୍ରସଂଜିତ୍ ମିଶ୍ର, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର

### ସଂସ୍କୃତିର ବିକାଶ ଓ ସମୃଦ୍ଧିରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସ୍ମରଣ ରହିବ: ବ୍ରଜ ତ୍ରିପାଠୀ

ସାମନ୍ତରାୟ, ପୂର୍ବତନ ଯୋଗାଣ ବିଭାଗ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଭରତ କୁମାର ନାୟକ, ଚନ୍ଦ୍ରବିଜୟୀ ମିଶ୍ର, ଡଃ ବଦ୍ରି ମିଶ୍ର, ଶ୍ୟାମପ୍ରକାଶ ସେନାପତି, ହେକ୍ଟର ମିଶ୍ର, ସତ୍ୟବ୍ରତ ଦାସ, ନାରାୟଣ ପାତ୍ର, ସୌମ୍ୟରଞ୍ଜନ ମିଶ୍ର, ହୁଲାସ ଚଂନ୍ଦ୍ର ଜେନା ଓ ରୀତେଶ ମହାନ୍ତି, ବିଦ୍ରୋହ କେଶରୀ ସିଂହ ସଂଯୋଜନା କରିଥିଲାବେଳେ, କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଅଧାପକ ଡ. ବିଶ୍ୱନାଥ ମିଶ୍ର। ପୁଷ୍କର ସାହୁ, ପ୍ରତାପ ଚନ୍ଦ୍ର ଦଳେଇ, ରାଜ କିଶୋର ମୁଖୀ, ଦିବ୍ୟ ପ୍ରକାଶ ସୁବୁଦ୍ଧି ଓ ପୂର୍ଣ୍ଣ ଚନ୍ଦ୍ର ଓଝା ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ। ୧୬ତମ କୃଷୀ ମେଳାର ଶ୍ରେଷ୍ଠ କୃଷୀ ପ୍ରତିଯୋଗୀ ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷୀ ବିଜ୍ଞାନ କେନ୍ଦ୍ର ପୁରସ୍କୃତ ହେଇଥିବା ବେଳେ ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭରତ ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗ ଓ ତୃତୀୟ ଶ୍ରେଷ୍ଠ ପ୍ରଦର୍ଶନ କାରୀ ମିଳିତ ଭାବେ ଭାରତ ସରକାରଙ୍କ ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ ଏବଂ ପୁରୀ ଜିଲ୍ଲାର ମୁଖ୍ୟ କୃଷି ବିଭାଗ ପୁରସ୍କୃତ ହୋଇଥିଲେ। ସେହିପରି ପୂର୍ବାଞ୍ଚଳ ରେଳବାଇ, ଭାରତ ସରକାରଙ୍କ କୋୟର ବୋର୍ଡ ଓ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ କାର୍ଯ୍ୟାଳୟ ପୁରୀ, ଯଥାକ୍ରମେ ୧ମ, ୨ୟ ଓ ୩ୟ ଶ୍ରେଷ୍ଠ ଷ୍ଟଲ୍ ଭାବେ ପୁରସ୍କୃତ ହୋଇଥିଲେ । ଶେଷରେ ୨୨ଟି ରାଜ୍ୟର ୫୨୦ଜଣ କଳାକାର ଓ କୃଷି ଅଧିକାରୀମାନେ ଶେଷ ପର୍ବରେ ସାମିଲ ହୋଇଥିଲେ।

### ଅନ୍ୟ ଦିବସର ମଞ୍ଚାସୀନ ଅତିଥିବୃନ୍ଦ









### ବିଭିନ୍ନ ରାଜ୍ୟରୁ ନିମନ୍ତ୍ରିତ ହୋଇ ଆସିଥିବା କଳାକାରମାନଙ୍କୁ ସମ୍ବର୍ଦ୍ଧନା





### ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ





### ଅତିଥିମାନଙ୍କ ଜାତୀୟ ୧୬ତମ କୃଷିମେଳା ୨୦୨୫ ପରିଦର୍ଶନ



### ଯେଉଁମାନଙ୍କ ପାଇଁ ଜାତୀୟ ୨୩ତମ ଲୋକମେଳା ଓ ୧୬ତମ କୃଷିମେଳା ୨୦୨୫ ସଫଳ ହୋଇଛି ସେମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ଅବସରରେ








# ଜଗନ୍ନାଥଙ୍କୁ ଅଛୁଆଁ କଲା କିଏ ?

ଡକ୍ଟର ହରିହର କାନୁନଗୋ



ପୁରୀ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସାଧାରଣ ସମ୍ପାଦକ ଭଗବାନ ମହାପାତ୍ରଙ୍କ 'ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଓ ସ୍ପର୍ଶ ସମ୍ପର୍କରେ' ତା. ୯.୭.୨୦୧୬ ରିଖ ସମାଜର ପୃ. ୬ ରେ ପ୍ରକାଶିତ ତଥ୍ୟ ସମ୍ବଳିତ ଲେଖା ପାଠକରି ବିସ୍ମିତ ଏବଂ ମର୍ମାହତ ହେଲି। ବିଚାର ବିଶ୍ଳେଷଣ ପୂର୍ବକ ଜଗନ୍ନାଥପ୍ରେମୀ ବିଜ୍ଞ ପାଠକ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଅବଗତି ନିମନ୍ତେ ନିମ୍ନରେ ଏ ପ୍ରସଙ୍ଗରେ କେତେକ ତଥ୍ୟ ଉପସ୍ଥାପନ କରୁଛି। ଜଗତରନାଥ ଶ୍ରୀଜଗନ୍ନାଥ ମହାପ୍ରଭୁ ବର୍ଷରେ ଦୁଇଥର ରତ୍ନବେଦୀ ଛାଡ଼ି ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରାରେ ପତିତମାନଙ୍କୁ ତାରିବା ପାଇଁ ଦେଉଳ ବାହାରକୁ ଆସିଥା'ନ୍ତି। ଏପରିକି ଗର୍ଭଗୃହ ଭିତରେ ମଧ ତାଙ୍କର ସବୁ ଖୋଲାମେଲା ବା ସାହାଣମେଲା କେବଳ ସର୍ବସାଧାରଣ ଭକ୍ତମାନଙ୍କ ପାଇଁ। ତାଙ୍କ ପାଖରେ କୋଣସି କଥା ଗୁପ୍ତ ବା ଗୋପନୀୟ ନୁହେଁ। ସେଇଥିପାଇଁ ଅଷ୍ଟାଦଶ ଶତାବ୍ଦୀରେ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ତାଙ୍କ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ପ୍ରଥମ ଛାନ୍ଦରେ ଲେଖିଛନ୍ତି – 'ସ୍ନାନ ଯେ ଗୁଣ୍ଡିଚା ବେନି ସ୍ୱୟଂ ଲୀଳା ଯା'ର, ପତିତପାବନ ଅର୍ଥେ ପ୍ରାସାଦୁ ବାହାର।' ଏଠାରେ ବ୍ୟବହୃତ 'ପତିତ' ଶବ୍ଦଟି ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ମୁକ୍ତିକାମୀ ପାପୀ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ମହାପ୍ରଭୁ ଦେଉଳ ବା ପ୍ରାସାଦ ବାହାରକୁ ଆସି ଘୋଷଯାତ୍ରା କରିଥାଆନ୍ତି ଅର୍ଥରେ ହିଁ ବ୍ୟବହୃତ। ପଣ୍ଡିତ ନୀଳକଣ୍ଠ ଦାସ ଠିକ ଏହି ଅର୍ଥରେ ହିଁ ପତିତପାବନ ଶବ୍ଦଟିକୁ ବୁଝିଛନ୍ତି। ତାଙ୍କ ମତରେ, 'ଏ ନିରାଲମ୍ବ ମୈତ୍ରୀ ଧର୍ମର ପ୍ରତିଷ୍ଠା ନାନା କାରଣରୁ ଓ ନାନାଭାବରେ ପଡ଼ି ଭ୍ରଷ୍ଟ ହୋଇଥିଲା। ଏଇ ଭ୍ରଷ୍ଟତାର ବୀଜ ଆମ ଇତିହାସରେ ପ୍ରଥମେ ଦେଖାଯାଏ ମହାଯାନର ସେବାଧର୍ମରେ। ମହାଯାନରେ ମୈତ୍ରୀର ସାଧନା ଯାଇ ସେଠାରେ ପଶିଲା କରୁଣା ଓ ସେଥିରେ ଅମୁକ୍ତର ବା ପତିତର ସେବା। ସ୍ୱୟଂ ବୁଦ୍ଧ ମଧ ସେଇପରି ପତିତ ସେବାରେ ଲାଗିଥିଲେ ଓ ଜଗତର ପ୍ରତ୍ୟେକ ଜୀବ ନିର୍ବାଣ ପାଇବା ଯାଏ ସେ ଏଇ ସେବା ଧର୍ମରେ ଲାଗିଥିବେ। ଏଇଠାରେ ହିଁ ପତିତପାବନ ଧର୍ମର ଅଙ୍କୁରାରୋପଣ; ମାତ୍ର ଜଗନ୍ନାଥଙ୍କ ପାଖେ କେହି ପତିତ ନୁହେଁ – କେହି ଉନ୍ନତ ନୁହେଁ। ସେ କାହାକୁ ପତିତ କରନ୍ତି ନାହିଁ, ମଣନ୍ତି ନାହିଁ, ତାଙ୍କ ପାଖେ କାଙ୍ଗାଳ ଅପବିତ୍ର ନୁହେଁ କି ବ୍ରାହ୍ମଣ। ରାଜା, ଶିଳ୍ପୀ, ବଣିକ, ଜମିଦାର ବା ମଠାଧୀଶ ସମାଜରେ ଧନୀ ବା ପ୍ରଭାବଶାଳୀ ବୋଲି ବେଶୀ ପବିତ୍ର ନୁହଁନ୍ତି। ଯାହାଙ୍କ ଦୃଷ୍ଟିରେ ପତିତ ନାଇଁ ବା ପତିତ ବୋଲି କେହି ଅପବିତ୍ର ନୁହେଁ, ସେ ପୁଣି ପତିତପାବନ ହେବେ କିପରି ? ଅତଏବ ଜଗନ୍ନାଥ ପତିତପାବନ ନୁହଁନ୍ତି। ସେ ହେଉଛନ୍ତି ଅନନ୍ତ ବିଶ୍ୱ ପ୍ରକାଶର ବହୁରେ ଏକ, ପୁଣି ବିଶ୍ୱଦ୍ୱର ଏକରେ ପ୍ରକାଶ ରୂପ ବହୁ। ସେ ହେଉଛନ୍ତି ଶୁଦ୍ଧ-ବୁଦ୍ଧ-ଜଗନ୍ନାଥ। ତେବେ ଏକା ଯଥାର୍ଥରେ ବ୍ରାହ୍ମଣ୍ୟର ଉପାସ୍ୟ ଶବରଦେବତା ଜଗନ୍ନାଥ ଯୁଗ ଯୁଗର ଆରୋପ ଜନିତ ମଳିନତା ତୁଟାଇ ନିଷ୍କଳଙ୍କ ହେବେ।' (ଦାସ, ନୀଳକଣ୍ଠ – ସଂସ୍କୃତ ଓ ସଂସ୍କୃତି, ୧୯୫୧, ପୃ.୧୩୩)।

ଏହି ବୌଦ୍ଧଧର୍ମରୁ କାଳକ୍ରମେ ନାନା ଶାଖା ପ୍ରଶାଖାରେ ଶାକ୍ତ, ବୈଷ୍ଣବ ଓ ସନ୍ଥ ଧର୍ମମାନଙ୍କର ପ୍ରକାଶ ଓ ପ୍ରତିଷ୍ଠା। (ସଂସ୍କୃତ ଓ ସଂସ୍କୃତି, ପୃ. ୧୨୭, ୧୨୮) ବୁଦ୍ଧ ସ୍ୱୟଂ ପତିତପାବନ (ଜଗନ୍ନାଥ) ହୋଇଥିବାରୁ ପରବର୍ତ୍ତୀ କାଳରେ ବୁଦ୍ଧଙ୍କ ପତିତପାବନ ଯାତ୍ରାକୁ ଜଗନ୍ନାଥଙ୍କ ରଥଯାତ୍ରାରେ ପରିଣତ କରିଦିଆଯାଇଛି। ଏହି ଯାତ୍ରାରେ ବୈଦିକ-ବ୍ରାହ୍ମଣ୍ୟ ଧର୍ମ ଉପାସନାର କୋଣସି ପ୍ରଭାବ ନାହିଁ; ମାତ୍ର ପରବର୍ତ୍ତୀ କାଳରେ ଏହି ବୈଦିକ ପ୍ରଥା ଜଗନ୍ନାଥ ସଂସ୍କୃତି ଓ ଉପାସନାରେ ଅନୁପ୍ରବେଶ କରିଛି। ତେଣୁ ସ୍ନାନ ଓ ରଥଯାତ୍ରାରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ସ୍ପର୍ଶ, ଦର୍ଶନ ଓ ଆଲିଙ୍ଗନ କରିବା ପାଇଁ ମହାପ୍ରଭୁ ସ୍ୱୟଂ ଭାଇ ଭଉଣୀଙ୍କୁ ଧରି ବଡ଼ଦାଣ୍ଡରେ ଉଭା ତିନି ରଥରେ ଘୋଷଯାତ୍ରା କରିଥାଆନ୍ତି। ଶ୍ରୀଜଗନ୍ନାଥଙ୍କ ଉତ୍ପତ୍ତି ମୂଳରେ ବୋଦ୍ଧଧର୍ମ-ଦର୍ଶନର ପ୍ରଭାବ ପ୍ରତିଫଳିତ। ଅଶୋକଙ୍କ ସମୟରେ ଓଡ଼ିଶାର ଶବରମାନେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ। ଓଡ଼ିଶାର ବହୁ ସ୍ଥାନରେ ବୌଦ୍ଧସ୍ତୂପ ଓ ଚୈତ୍ୟ ନିର୍ମିତ ହୋଇଥିଲା ଓ ସେଥିରେ ବୌଦ୍ଧ ତ୍ରିରତ୍ନ ଚିହ୍ନ ସ୍ୱାଭାବିକ କ୍ରମରେ ଅଙ୍କିତ ହୋଇଥିଲା। ଏହି ସ୍ତୂପ ଥିଲା ଶବରମାନଙ୍କ ଶ୍ରେଷ୍ଠ ପୂଜାପୀଠ। ଏମାନେ ସ୍ତୂପର ତ୍ରିରତ୍ନ ଚିହ୍ନଙ୍କୁ ହିଁ ପୂଜା କରୁଥିଲେ। ଏହି ଚିହ୍ନ ତ୍ରୟକୁ ସେତେବେଳେ ଜଗନ୍ନାଥ ବୋଲି କୁହାଯାଉଥିଲା। କାରଣ ବୁଦ୍ଧଙ୍କର ଅନ୍ୟ ନାମ ଜଗନ୍ନାଥ। ଏହା ପୁରାତନ ପାଲି ସାହିତ୍ୟ ଓ ନେପାଳରୁ ମିଳିଥିବା ତନ୍ତ୍ର ସାହିତ୍ୟରୁ ଜଣାଯାଏ। ଅତଏବ ଜଗନ୍ନାଥ ନାମର ମୂଳ ହେଉଛି ବୌଦ୍ଧ। ସେଇଥିପାଇଁ ପଣ୍ଡିତ ନୀଳକଣ୍ଠ କହିଛନ୍ତି, 'ଜଗନ୍ନାଥ କଥାଟି ବୁଦ୍ଧଙ୍କ ନିଜ ଉକ୍ତି। ବୁଦ୍ଧ ହେଲାବେଳେ ଓ ଦେହତ୍ୟାଗ କଲାବେଳେ ସେ କହି ପକାଇଥିଲେ- 'ମୁଁ ଜଗତର ନାଥ-ଜଗତର ଦୁଃଖ ନାଶର ଉପାୟ ମୁଁ ପାଇଛି। ସେଇଥିପାଇଁ ଜଗନ୍ନାଥଙ୍କ ନାମୋଲ୍ଲେଖ ପ୍ରଥମ କରି ବଜ୍ରଯାନର ପ୍ରବକ୍ତା ରାଜା ଇନ୍ଦ୍ରଭୂତି (ଖ୍ରୀ: ୭୧୭)ଙ୍କ 'ଜ୍ଞାନସିଦ୍ଧି' ଗ୍ରନ୍ଥର ପ୍ରଥମ ସର୍ଗ, ପ୍ରଥମ ଶ୍ଳୋକରୁ ମିଳିଥାଏ। ଯେପରି – 'ପ୍ରଣିପତ୍ୟେ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତଂ, ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନୋ ଗଗନୋପମଂ।' ଏଠାରେ ଉଲ୍ଲେଖନୀୟ ଯେ, ଖ୍ରୀ: ୭୧୭ ପୂର୍ବରୁ କୌଣସି ଅଭିଲେଖ, ଗ୍ରନ୍ଥ, ସାହିତ ଓ ପୁରାଣରେ ଜଗନ୍ନାଥ ଶବ୍ଦର ନାମୋଲ୍ଲେଖ ଖୋଜିଲେ ବି ମିଳେ ନାହିଁ। ଯେହେତୁ ବୁଦ୍ଧଙ୍କ ପାଖରେ ଜାତିଭେଦ ନାହିଁ, ସେହି ହେତୁ ତାଙ୍କ ପ୍ରସିଦ୍ଧ ଓ ପବିତ୍ର ପତିତପାବନ ଯାତ୍ରା ବା ରଥଯାତ୍ରାରେ ଜାତି-ବର୍ଣ୍ଣ-ଧର୍ମ ସମ୍ପ୍ରଦାୟ ମଧ୍ୟରେ କୌଣସି ଭେଦଭାବ ନାହିଁ କି ନ ଥିଲା। ତେଣୁ ଏଭଳି ମହାନ୍ ପରମ୍ପରାର ଆଦର୍ଶ ଏ ଓଡ଼ିଆ ଜାତି ଗ୍ରହଣ କରି ନେଇ ସମଗ୍ର ବିଶ୍ୱରେ ନିଜକୁ ପରିଚିତ ଓ ପ୍ରତିଷ୍ଠିତ କରିପାରିଥିଲା। ତେଣୁକରି ବିଶ୍ୱର ବିଭିନ୍ନ ଦେଶରୁ ଜଗନ୍ନାଥ ମହାପ୍ରଭୁଙ୍କୁ ରଥରେ ବା ବଡ଼ଦାଣ୍ଡରେ ସ୍ପର୍ଶ, ଦର୍ଶନ ଓ ଆଲିଙ୍ଗନ କରିବା ପାଇଁ ଭକ୍ତମାନେ ଧାଇଁଆସୁଛନ୍ତି। ଏହା ହିଁ ଜଗନ୍ନାଥ ମହାପ୍ରଭୁଙ୍କର ମାହାତ୍ମ୍ୟ ଓ ଏ ପୀଠର ପରମ୍ପରା। ସେଇଥିପାଇଁ ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପିର ପୃ. ୬୯ ରେ ଉଲ୍ଲେଖ ଅଛି 'ଠାକୁର ପହଣ୍ଡି ହେବା ସମୟରେ ବାହାର ଲୋକମାନେ ତାଙ୍କୁ ଛୁଇଁଲେ ଛୁଆଁ ହୁଅନ୍ତି ନାହିଁ।' ସ୍ୱତ୍ୱଲିପି ପୃ. ୨୩୯-୨୪୧ ମଧ୍ୟରେ ଉଲ୍ଲିଖିତ ମୁକ୍ତିମଣ୍ଡପରେ ମୋଟ ଚବିଶଗୋଟି ଶାସନର ବ୍ରାହ୍ମଣମାନେ ବସିବା ବ୍ୟତୀତ ଦଣ୍ଡୀ ସନ୍ନ୍ୟାସୀ, ରାଜଗୁରୁ, ରାୟଗୁରୁମାନେ ବସନ୍ତି। ଏପଟେ ଗୋବର୍ଦ୍ଧନ ମଠର ଦଣ୍ଡୀ ସନ୍ନ୍ୟାସୀ ପ୍ରସଙ୍ଗରେ ସ୍ୱତ୍ୱଲିପିର ପୃ. ୧୮୪ ରେ ଉଲ୍ଲେଖ ଅଛି– 'ନୀତି ବିଷୟରେ ଦଣ୍ଡୀ ସନ୍ନ୍ୟାସୀଙ୍କର ମତ ଦେବାର ଅଧିକାର ଅଛି ଓ ମନ୍ଦିରର ଧର୍ମ ବ୍ୟବସ୍ଥା ଏହାଙ୍କୁ ପଚାରି କରିବା ନିୟମ। ମୁକ୍ତି ମଣ୍ଡପର ନାୟକ ଅଟନ୍ତି। ପୂଜାଜ୍ଞାନ ନିପୁଣତା ବିଷୟରେ ପୂର୍ବେ ଏ ପୂଜାପଣ୍ଡାମାନଙ୍କୁ ପରୀକ୍ଷା ସାର୍ଟିଫିକେଟ ଦେଲେ ସେମାନେ ପୂଜା କରିପାରୁଥିଲେ।' ଏଥିରୁ ଜଣାଯାଏ ଯେ ଦେଉଳ ନୀତି ବିଷୟରେ କିଛି ସମସ୍ୟା ଉପୁଜିଲେ ଅନ୍ୟମାନଙ୍କ ଭଳି ମତ ଦେବାର ଅଧିକାର ଅଛି ଦଣ୍ଡୀ ସନ୍ନ୍ୟାସୀଙ୍କର; ମାତ୍ର ଶ୍ରୀମନ୍ଦିର ନୀତି ବିଷୟରେ ମତ ଦେବାରେ ସେ 'ଏକମାତ୍ର' ଅଧିକାରୀ ନୁହଁନ୍ତି। ଦ୍ୱିତୀୟତଃ ମନ୍ଦିରର ଧର୍ମ ବ୍ୟବସ୍ଥା ଏହାଙ୍କୁ ପଚାରି କରିବା ନିୟମ ଅର୍ଥାତ ମନ୍ଦିରରେ ହିନ୍ଦୁଧର୍ମ ସଂକ୍ରାନ୍ତୀୟ ବ୍ୟବସ୍ଥାରେ କୌଣସି ବିଭେଦ ବା ସମସ୍ୟା ଉପୁଜିଲେ ଦଣ୍ଡୀ ସନ୍ନ୍ୟାସୀଙ୍କୁ ପଚାରିବାର ନିୟମ ରହିଛି; ମାତ୍ର ଆଦିବାସୀ ଶବର ଓ ପରବର୍ତ୍ତୀ କାଳରେ ବୌଦ୍ଧ ସଂସ୍କୃତି ଉପରେ ପ୍ରତିଷ୍ଠିତ ଜଗନ୍ନାଥ ଉପାସନା ଭିନ୍ନ ଓ ସ୍ୱତନ୍ତ୍ର ହୋଇଥିବାରୁ ଅଦ୍ୱୈତ ବେଦାନ୍ତ ଗୁରୁ ଶଙ୍କରାଚାର୍ଯ୍ୟଙ୍କ କର୍ତ୍ତୃତ୍ୱ ଭିତରେ ଶ୍ରୀମନ୍ଦିର ବିଧି ବ୍ୟବସ୍ଥା କେବେ ନ ଥିଲା ଓ ଏବେ ମଧ ନାହିଁ। ମୁକ୍ତି ମଣ୍ଡପ ଉପରେ ବସି ଅନ୍ୟମାନଙ୍କ ସହିତ ଦଣ୍ଡୀ ସନ୍ନ୍ୟାସୀଙ୍କର ମତ ଦେବାର ଅଧିକାର ଅଛି। ଏମାନେ ବର୍ଣ୍ଣ ବୈଷମ୍ୟର କୁସଂସ୍କାରକୁ ସ୍ୱୀକାର କରନ୍ତି ନାହିଁ। ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ସେବାୟତ (ପୂଜାପଣ୍ଡା) ମାନଙ୍କୁ ତାଲିମ ଦେବାର ଦାୟିତ୍ୱ ଗୋବର୍ଦ୍ଧନ ପୀଠର ଦଣ୍ଡୀ ସନ୍ନ୍ୟାସୀଙ୍କ ଉପରେ ନ୍ୟସ୍ତ ଥିଲା। ସେହି ଅଷ୍ଟାଦଶ ଶତାବ୍ଦୀରେ ଶାସନୀ ବ୍ରାହ୍ମଣମାନେ ମେଳି ହୋଇ ଗୋବର୍ଦ୍ଧନ ପୀଠର ଦଣ୍ଡୀ ସନ୍ନ୍ୟାସୀମାନଙ୍କର ଏହି କର୍ତ୍ତୃତ୍ୱ ଓ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରିଥିଲେ। ଏକଥା ୧୯୮୫ ମସିହା ଝଙ୍କାର, ବିଷୁବ ସଂଖ୍ୟା, ପୃ.୨୫ ରେ ସଚ୍ଚିଦାନନ୍ଦ ମିଶ୍ରଙ୍କ 'ଆଚାର୍ଯ୍ୟ ଶଙ୍କର ଓ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠା' ପ୍ରବନ୍ଧରେ ଉଲ୍ଲେଖ ଅଛି। ସମ୍ଭବତଃ ଏହା ସିଂହଦ୍ୱାର ଗୁମୁଟର ଉତ୍ତରପଟ କାନ୍ଥରେ ପତିତପାବନ ସ୍ଥାପନର ସମସାମୟିକ ଘଟଣା ଓ ଏହି ସମୟରୁ ବର୍ଣ୍ଣ ବୈଷମ୍ୟ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରି କ୍ରମେ ସଂକ୍ରମିତ ହୋଇଥିଲା। ଅତୀତରେ ରଥ ଉପରେ ଚଢ଼ିବା ଓ ବିଗ୍ରହଙ୍କୁ ସ୍ପର୍ଶ କରିବା ନ ଥିଲା ବୋଲି କହିବା ଏକ ହାସ୍ୟାସ୍ପଦ ଓ ଅଜ୍ଞତାର ପରିଚାୟକ। ଜଗନ୍ନାଥ ମନ୍ଦିର ଓ ରଥଯାତ୍ରା ଆରମ୍ଭ ହେବା ଦିନଠାରୁ ଶ୍ରୀମନ୍ଦିର ଭିତରେ ଓ ବାହାରେ ***(ପରବର୍ତ୍ତୀ ସଂଖ୍ୟାରେ)***

# ଭକ୍ତର ଡାକ: ଶୁଣିବା ହେଉ ସରକାର !!

## ରଥରେ ଚଢିବା ମନା ନା' ରଥ ଛୁଇଁବା ମନା !!

ମାନ୍ୟବର ହାଇକୋର୍ଟ ରାୟର ବିଭ୍ରାନ୍ତିକରଣରେ ଦୀର୍ଘ ଦଶବର୍ଷ ଧରି ରଥମାନେ ବନ୍ଦୀ ହୋଇ ପଡୁଛନ୍ତି ରଥଯାତ୍ରା ରେ।୨୦୧୪ ଥିଲା ଭକ୍ତମାନଙ୍କ ପାଇଁ ଏକ ଦୁଃଖଦ ବର୍ଷ। ଶହଶହ ବର୍ଷ ଧରି ହାତ ଟେକି ଭକ୍ତମାନଙ୍କୁ କୋଳାଗ୍ରତ କରିବାକୁ ଡାକୁଥିବା ଠାକୁରଙ୍କ ଠାରୁ ଭକ୍ତମାନଙ୍କୁ କରାଗଲା ବିଭେଦ। ଠାକୁରଙ୍କୁ ଛୁଇଁବା ଯେ ପୂଣ୍ୟ,ଏହା ବଦଳରେ କୁହାଗଲା ଠାକୁରଙ୍କୁ ଛୁଇଁବା ପାପ। ଶଂକରାଚାର୍ଯ୍ୟଙ୍କ ସହ ତାଳ ମିଳାଇ ଗଜପତି ମହାରାଜା ଏହାକୁ ସମର୍ଥନ କଲେ। ଶେଷରେ ୨୦ଜୁନ୍ ୨୦୧୪ରେ ମାନ୍ୟବର ହାଇକୋର୍ଟ ଆଦେଶ କଲେ-'ରଥରେ ଚଢିବା ମନା ଓ ଠାକୁରଙ୍କୁ ଛୁଇଁବା ମନା। ସେଦିନ ରୁ ସେବାୟତଙ୍କ ସହ ଶଂକରାଚାର୍ଯ୍ୟଙ୍କ ଲୋକ, ଗଜପତିଙ୍କ ଲୋକ, ପୁଲିସ, ଟହଲିଆ, ଗୁମାସ୍ତା ପ୍ରଭୃତି ରଥରେ ଚଢୁଥିଲେ ହେଁ ଓ ରଥରେ ଠାକୁର ଆସୀନ ଥିବାବେଳେ ବିଧାୟକ, ପ୍ରଶାସକ, ମନ୍ତ୍ରୀ ଇତ୍ୟାଦି ରଥକୁ ଛୁଉଁଥିଲେ ହେଁ, ଠାକୁର ରଥରୁ ଓହ୍ଲାଇ ସିଂହାସନକୁ ଯିବା ପରେ ଅର୍ଥାତ୍ ରଥ ଶୂନ୍ୟ ହେଲା ପରେ, ଭକ୍ତମାନଙ୍କୁ ରଥକୁ ସ୍ପର୍ଶ କରିବାକୁ ଦିଆଯାଉନାହିଁ, ଯାହା ଏକ ବିସ୍ମୟ। ଭକ୍ତ ରଥକୁ ନ ଚଢିବା ସେବାୟତମାନଙ୍କ ଆୟରେ କ୍ଷତି ହେଉଥିବା ଦର୍ଶାଇ, ସରକାର ରଥଯାତ୍ରା ସହ ଜଡିତ ସେବକମାନଙ୍କୁ ପ୍ରାୟ ଦୁଇଗୋଟି କ୍ଷତିପୂରଣ ଦେଉଛନ୍ତି। ପ୍ରଶ୍ନ ଉଠୁଛି, ଯଦି ସେବାୟତ ର କ୍ଷତି ଭରଣା ହେଉଛି, ତେବେ ଠାକୁର ଓ ରଥକୁ ଏକ ବିରାଟ ଆଧ୍ୟାତ୍ମିକ ଓ ମାନସିକ କ୍ଷତି ସହୁଥିବା ଭକ୍ତ ର କ୍ଷତିପୂରଣ ହେଉନି କାହିଁକି ? ଭକ୍ତ କହିବା କଥା, ଆମେ ନଛୁଇଁଲେ ଯଦି ସେମାନେ ଆମ ଅର୍ଥରୁ ଦୁଇକୋଟି ନେଉଛନ୍ତି, ତେବେ ଆମକୁ ଛୁଇଁବାର ସୁଯୋଗ ଦେଇ, ସେମାନେ ଆମ ଅର୍ଥ ରୁ ବରଂ ଚାରିକୋଟି ନିଅନ୍ତୁ।ପ୍ରଶ୍ନ ଉଠେ ଏକ ରାୟ କ'ଣ ଏକ ଆଇନ୍ କୁ ଅତିକ୍ରମ କରିପାରେ ? ୧୯୫୬ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ର ୬୯ ପୃଷ୍ଠା ରେ ଉଲ୍ଲେଖ ଅଛି ଭକ୍ତମାନେ ପହଣ୍ଡି ବେଳେ ଠାକୁରଙ୍କୁ ଛୁଇଁ ପାରିବେ। ତେବେ ଯଦି ପହଣ୍ଡି ରେ ଠାକୁରଙ୍କୁ ଛୁଇଁବା ମନା ବାବଦରେ ଆଇନ୍ ର ସଂଶୋଧନ ବିଧାନସଭା କରିନି, ସେଇଠି ରଥକୁ ଛୁଇଁବା ମନା, କେଉଁ ରାୟରେ ଅଛି ଓ ଆଇନ୍ ରେ ଅଛି ଏବଂ ରଥଯାତ୍ରା ରେ ଠାକୁରଙ୍କ ଯାତ୍ରାଙ୍ଗୀ ମହାସ୍ନାନ ରହିଛି କାହିଁକି ? ପୁରୀ କେବଳ ନୁହେଁ ଓଡ଼ିଶା ରେ ମହିଳାମାନେ ସୁଭଦ୍ରା ରଥ ଛୁଇଁବା ର ପରମ୍ପରାକୁ ଏବେ ଭାଙ୍ଗି ଦିଆଯାଇଛି। ଠାକୁର ସିଂହାସନକୁ ଯିବାପରେ, ରଥମାନଙ୍କୁ ଲୁହା ବ୍ୟାରିକେଡ଼ ରେ ବନ୍ଦୀ କରି ରଖାଯାଉଛି। ଏହାକୁ ଦୁଇଶହ ପୁଲିସ ଚୋରକୁ ଜଗିବା ପରି ଜଗୁଛନ୍ତି। ଯଦି ରାୟରେ କି' ଆଇନରେ ରଥ ଛୁଇଁବା ମନା ଉଲ୍ଲେଖ ନାହିଁ, ତେବେ ସୁରକ୍ଷା ବଳୟ ଭିତରେ ଭକ୍ତଙ୍କୁ ଶୃଙ୍ଖଳିତ ରଥ ସ୍ପର୍ଶ ର ସୁଯୋଗ ଦେବା ଉଚିତ ନୁହେଁ କି ? ଏ ସଂପର୍କରେ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶା ର ରାଜ୍ୟ ସଭାପତି ଡକ୍ଟର ବଦ୍ରି ମିଶ୍ର , ମୁଖ୍ୟମନ୍ତ୍ରୀଙ୍କୁ ଭେଟି କହିଛନ୍ତି ଯେ ପୂର୍ବ ସରକାରଙ୍କ ମନମାନି ଭାଙ୍ଗି, ଜନପ୍ରିୟ ମୋହନ ସରକାର, ଭକ୍ତମାନଙ୍କ ମାନସିକତାକୁ ସମ୍ମାନ ଦେଇ, ରଥସ୍ପର୍ଶ ସୁଯୋଗ ମାଧ୍ୟମରେ ଭକ୍ତ ଓ ଭଗବାନଙ୍କ ମିଳନ କରିବା ଦରକାର। ଯଦି ଠାକୁରଙ୍କୁ ଛୁଇଁବା ପାପ ? ତେବେ ୨୦୧୫ ପର୍ଯ୍ୟନ୍ତ ଯେଉଁମାନେ ଛୁଉଁଥିଲେ ସେମାନେ କ'ଣ ପାପୀ ? ଯେଉଁ ମାନେ ଭକ୍ତମାନଙ୍କୁ ଶହଶହ ବର୍ଷ ଧରି ଠାକୁରଙ୍କୁ ଛୁଆଁଉ ଥିଲେ, ସେମାନେ କ'ଣ ମହାପାପୀ ? ଯଦି ଛୁଇଁବା ପାପ, ତେବେ ଠାକୁର ଭକ୍ତ କୁ କୋଳାଗ୍ରତ କରିବା ମୁଦ୍ରା ରେ ଡାକନ୍ତି କାହିଁକି ? କିଏ କିଏ କୁହନ୍ତି – ଆମର ଶୁଦ୍ଧତା ନଥାଏ। କୁହନ୍ତୁ ତ, ବିନା ଶୁଦ୍ଧିରେ କିଏ ଘର ଠାକୁରଙ୍କ ପାଖକୁ କ'ଣ ଯାଇପାରେ ? ଇଏ ତ ଜଗନ୍ନାଥ। କିଏ କିଏ କହନ୍ତି –ସୁରକ୍ଷା ପାଇଁ ଏପରି ଆଦେଶ ହୋଇଛି। ସୁରକ୍ଷା ପାଇଁ ଏତେ ପୁଲିସ, ଏତେ କ୍ୟାମେରା ପରେ କ'ଣ ଆଉ ସୁରକ୍ଷା ଦରକାର ?



ଡ. ବଦ୍ରି ମିଶ୍ର
ମୋ: ୯୮୬୧୧୮୬୪୦୦

# ଆତ୍ମପ୍ରେମ, ବ୍ୟକ୍ତିବାଦ ଓ ଏକାକୀତ୍ୱ

ପ୍ରତ୍ୟେକ ମଣିଷ ହୁଏତ ସବୁଠାରୁ ଭଲପାଏ ନିଜକୁ । ଶୈଶବରୁ ସେ ନିଜକୁ ରକ୍ଷା କରିବାପାଇଁ ସଦା ବ୍ୟସ୍ତ । ଧିରେ ଧିରେ ତା ଭିତରେ ଗଢ଼ିଉଠେ ନିଜର ଶକ୍ତି, ଜ୍ଞାନ, କ୍ଷମତା ଓ ରୂପ ପ୍ରତି ତୀବ୍ର ପ୍ରେମବୋଧ । ପ୍ରତ୍ୟେକ ମଣିଷ ତୀବ୍ରଭାବରେ ନିଜ ପ୍ରେମରେ ପଡେ । ଶତାବ୍ଦୀ ଶତାବ୍ଦୀ ଧରି ମଣିଷ ନିଜ ଭିତରେ ଏଇ ଆତ୍ମପ୍ରେମ ଆନୁବଂଶିକ ଭାବେ (ଜେନେଟିକାଲି) ବହନ କରି ଚାଲିଛି । ଉନବିଂଶ ଶତାବ୍ଦୀ ଶେଷ ଏବଂ ବିଂଶ ଶତାବ୍ଦୀ ଆରମ୍ଭରେ ଜଣେ ଇଟାଲିଆନ ଚିତ୍ରଶିଳ୍ପୀ ୟୁଜିନ ଦ ବ୍ଲାସ (୧୮୪୩-୧୯୩୧) ଗୋଟେ ଚିତ୍ର ଆଙ୍କିଥିଲେ । ସେ ଚିତ୍ରର ନାଁ ହେଉଛି 'ଭ୍ୟାନିଟି' – ଆତ୍ମରୂପଗୌରବ । ଏ ଚିତ୍ରରେ ଦେଖାଯାଉଛି ଜଣେ ଯୁବତୀ ଆଇନାରେ ନିଜକୁ ଅପଲକ ନୟନରେ ଦେଖୁଛନ୍ତି । ଓଡିଆ ଚଳଚିତ୍ର ଦ'ମନଆକାଶଦ' (୧୯୭୪)ରେ ଶିବବ୍ରତ ଦାସ ଗୋଟେ ଗୀତ ଲେଖିଥିଲେ: ମନେ ମନେ ଭାବୁ ତୁ ଭାରି ସୁନ୍ଦର, ଆଇନା ଦେଖୁ ତୁ ହଜାରେ ଥର.. । ନାୟିକା ତ୍ରିପୁରା ମିଶ୍ର ଉପରେ ଏହା ଚଳଚିତ୍ରାୟିତ ହୋଇଥିଲା । ସେଥିରେ ମଧ ଏଇ ଭାବକୁ ରେଖାଙ୍କିତ କରାଯାଇଛି । ବର୍ତ୍ତମାନର ସେଲଫି-ପ୍ରେମ ହୁଏତ ଏହାର ଆଉ ଏକ ନିଦର୍ଶନ । ୨୦୦୩ ରେ ଆମେରିକାର ଜଣେ ପପ ଗାୟକଙ୍କ ଗୀତ ଖୁବ ଜନପ୍ରିୟ ହୋଇଥିଲା । ତାରକାଙ୍କ ନାଁ ମାଇଲି ସୈରସ । ଗୀତଟିର ଶୀର୍ଷକ ଥିଲା: ଫ୍ଲାଓଆର୍ସ (flowers) । ତାର ଗୋଟିଏ ଧାଡି ଯାହା ଘୋଷା ଭାବରେ ବାରମ୍ବାର ବ୍ୟବହୃତ ହୋଇଛି ତାହା ଥିଲା: ଆଇ କାନ ଲଭ ମି ବେଟର ଦାନ ୟୁ କ୍ୟାନ (I can love me better than you can) – ମୁଁ ନିଜକୁ ତୁମଠାରୁ ବେଶୀ ଭଲ ପାଇପାରିବି । ଏହି ଗୀତଟି ଖୁବ ଜନପ୍ରିୟ ହୋଇଥିଲା ଏବେ ଆମ ଦେଶ କଥା ଦେଖାଯାଉ । ସମ୍ପ୍ରତି ବାଙ୍ଗାଲୋରର ଜଣେ ୩୫ ବର୍ଷ ଯୁବକର କଥା ସୋସିଆଲ ମେଡିଆରେ ଭାଇରଲ ହୋଇଛି । ଯୁବକ ଏକ ବିଶିଷ୍ଟ ସଂସ୍ଥାରେ କର୍ମରତ । ଭଲ ଦରମା ପାଆନ୍ତି କିନ୍ତୁ ନିସଙ୍ଗ । ଏ ନିଃସଙ୍ଗତା କଟେଇବା ପାଇଁ ସେ ଛୁଟିଦିନ ଗୁଡ଼ାକରେ ଅଟୋ ରିକ୍ସା ଧରି ବିଭିନ୍ନ ଜାଗାକୁ ଚାଲି ଯାଆନ୍ତି । ନିଃସଙ୍ଗତା ଏବଂ ଅବସାଦର ପ୍ରତିଷେଧକ ଭାବରେ ଏହି ଅଭିନବ ଉପାୟଟି ଯେମିତି ଦୃଷ୍ଟି ଆକର୍ଷଣ କରିଛି ସେମିତି ଗୋଟେ ଅତ୍ୟନ୍ତ ପ୍ରାସଙ୍ଗିକ ବିଷୟକୁ ରେଖାଙ୍କିତ କରୁଛି । ତାହା ହେଲା କ୍ରମବର୍ଦ୍ଧମାନ ଏକାକୀତ୍ୱ, ବିଶେଷ କରି ସହରୀ ଏକାକୀତ୍ୱ (urban loneliness) । ସହରୀ ଏକାକୀତ୍ୱ ଜଣକୁ ଅଧିକ ବିଷାଦଗ୍ରସ୍ତ କରେ, କାରଣ ଏଠି ବହୁ ଲୋକଙ୍କ ଭିଡ଼ ଭିତରେ ଜଣେ ନିଜକୁ ଏକା ମନେ କରେ । ବର୍ତ୍ତମାନ ପ୍ରଶ୍ନ: କ୍ରମବର୍ଦ୍ଧମାନ ଏକାକୀତ୍ୱ ପଛର କାରଣଟି କଣ ଉଗ୍ର ଆତ୍ମପ୍ରେମ ? ଆଉ ଏ ଉଗ୍ର ଆତ୍ମପ୍ରେମକୁ କଣ ବାଣିଜ୍ୟ ଓ ବିପଣନ ଅଧିକ ପ୍ରୋତ୍ସାହିତ କରୁଛି ? ଜର୍ମାନ ମନୋବିଜ୍ଞାନୀ ଏରିଚ ଫମ (୧୯୦୦-୧୯୮୦) ଦ' ଦି ଆର୍ଟ ଅଫ ଲଭିଙ୍ଗଦ' (The Art of Loving) ବହିରେ ଲେଖିଛନ୍ତି, ଅନ୍ୟକୁ ଭଲ ପାଇବା ଏବଂ ନିଜକୁ ଭଲ ପାଇବା ପାରସ୍ପରିକ ବିକଳ୍ପ ନୁହଁ । ବରଂ ଯେଉଁମାନେ ଅନ୍ୟମାନଙ୍କୁ ଭଲ ପାଇପାରନ୍ତି ସେମାନଙ୍କର ନିଜପ୍ରତି ଭଲପାଇବାର ମନୋଭାବ ବି ଦେଖାଯାଏ । ଗ୍ରୀକ ଦାର୍ଶନିକ ଆରିଷ୍ଟୋଟଲ (Aristotle, ଖ୍ରୀଷ୍ଟପୂର୍ବ ୩୮୪-୩୨୨) ମଧ ଆତ୍ମ ପ୍ରେମ ଏବଂ ସାମାଜିକ ବନ୍ଧୁତ୍ୱ ତା ଭିତରେ କୌଣସି ବିଭେଦ ଦେଖି ନାହାନ୍ତି । ସେ କହିଛନ୍ତି ନିଜକୁ ଭଲ ପାଇବାର ଗୋଟେ ସମ୍ୟକ ରୂପ ହେଉଛି ମଣିଷକୁ ଭଲ ପାଇବା । ସେମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବା । ତେବେ ସାମ୍ପ୍ରତିକ ବ୍ୟସ୍ତ ଜନଜୀବନରେ ସ୍ୱୟଂସମ୍ପୂର୍ଣ୍ଣ ବ୍ୟକ୍ତିବାଦ ଚୂଡାନ୍ତ ବାସ୍ତବରେ ପରିଣତ ହୋଇଛି । ଏ ବ୍ୟକ୍ତିବାଦ ସହାନୁଭୂତିପୂର୍ଣ୍ଣ ସହଯୋଗିତା ଭିତ୍ତିକ ନୁହଁ । ଏହା ଏକ ଟକ୍ସିକ (ବିଷାକ୍ତସମ) ଆତ୍ମକେନ୍ଦ୍ରୀକତା । ଆତ୍ମପ୍ରେମର ଚୂଡାନ୍ତ ରୂପ, ଯାହା ମଣିଷକୁ ପ୍ରତିଦିନ ଏକାକୀତ୍ୱ ଆଡକୁ ଠେଲି ଦଉଛି । ଯେହେତୁ ଆତ୍ମକେନ୍ଦ୍ରିକ ଲୋକମାନେ ଅନ୍ୟଠୁ ସାହାଯ୍ୟ ମାଗିବା ପାଇଁ ଲଜ୍ୟା ଏବଂ କୁଣ୍ଠା କରନ୍ତି, ସେମାନଙ୍କ ଏକାକୀତ୍ୱ ଆହୁରି ସାନ୍ଦ୍ର ହୋଇଉଠେ । ନିଜ ଚାରିପଟର କାନ୍ଥଟାକୁ ସେମାନେ ଏତେ ଉଚ୍ଚା କରି ଦିଅନ୍ତି ଯେ କାନ୍ଥ ସେପଟରେ କାହାକୁ ତାଙ୍କୁ ଦିଶେନି; କାନ୍ଥ ସେପଟେ ଥିବା ଲୋକେ ମଧ ଏକାକୀତ୍ୱରେ ଭୋଗୁଥିବା ଲୋକମାନଙ୍କୁ ଦେଖି ପାରନ୍ତି ନାହିଁ । ଆଧୁନିକ ସମୟରେ କ୍ରମଶଃ ଏହା ଏକ ବଡ଼ ସମସ୍ୟା ହୋଇ ଛିଡା ହୋଇଛି । ନିଜକୁ ଭଲ ପାଇବା ଏବଂ ସମାଜଠୁ ମୁହଁ ଫେରାଇ ନେବା ଏ ଦୁଇଟା ଯେ ସମ୍ପୂର୍ଣ୍ଣ ଅଲଗା, ଏକଥାଟା ବର୍ତ୍ତମାନ ଆଉଥରେ ରେଖାଙ୍କିତ କରିବାର ସମୟ ଆସିଛି । ନିଜକୁ ଭଲ ପାଇବା ଜରୁରୀ କିନ୍ତୁ ଏ ଭଲପାଇବାକୁ ଏମିତି ଗୋଟେ ଶକ୍ତିରେ ପରିଣତ କରିଦେବା ଯାହା ବ୍ୟକ୍ତିକୁ ଅନ୍ୟମାନଙ୍କଠୁ ସମ୍ପୂର୍ଣ୍ଣ ଅଲଗା କରିଦେବ- ତାହା ବଡ଼ ବିପଦଜନକ । ବ୍ୟକ୍ତିଗତ କ୍ଷମତାୟନ ଏବଂ ସାମାଜିକ ସଂଯୋଗ ଭିତରେ ***(ପୃଷ୍ଠା-୨)***



ଡ. ମୃଣାଳ ଚାଟାର୍ଜୀ

# ନୀତିଶିକ୍ଷା ବିଜୟର ବିଭୀଷିକା

ନିଜ ନିଜର ସାମର୍ଥ୍ୟ ପ୍ରଦର୍ଶନ କରିବାକୁ ଯାଇ ବୈଜ୍ଞାନିକମାନେ ପୃଥିବୀର ଭବିଷ୍ୟତକୁ ଭୁଲି ଯୁଦ୍ଧପାଇଁ ନୂତନ ତଥା ଅଭିନବ ଅସ୍ତ୍ରଶସ୍ତ୍ରର ବିକାଶ ପାଇଁ ବହୁ ଅର୍ଥ ଖର୍ଚ୍ଚ ଜାରି ରଖିଛନ୍ତି । ଅନେକ ଲୋକ ଖାଦ୍ୟ ବିନା ମୃତ୍ୟୁବରଣ କରୁଛନ୍ତି । ସେପଟେ କ୍ଷେପଣାସ୍ତ୍ର, ଆଧୁନିକ ଅସ୍ତ୍ରଶସ୍ତ୍ର ଏବଂ ଆଣବିକ ଅସ୍ତ୍ରଶସ୍ତ୍ର ଉତ୍ପାଦନରେ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ ହେଉଛି। ଏସବୁ ପଛରେ 'ନିଜକୁ ସର୍ବଶକ୍ତିମାନ ଭାବରେ ପ୍ରତିନିଧିତ୍ୱ କରିବାର' ଭାବନା ହିଁ ଯୁଦ୍ଧର କରାଳ ରୂପ ନେଉଛି। ଯାହାର ପରିଣାମ ହେଉଛି 'ଭବିଷ୍ୟତ ପୃଥିବୀର ବିନାଶ' । ଯାହାକି ରାଷ୍ଟ୍ରନାୟକ ମାନେ ଭୁଲିଯାଉଛନ୍ତି। ମହାଭାରତ ଯୁଦ୍ଧ ଶେଷ ହୋଇଯାଇଛି। ପ୍ରତ୍ୟେକ ଦିନ ବ୍ରହ୍ମମୁହୂର୍ତ୍ତରେ ଘୋଡାଚାଳନା ଏବଂ ଧନୁଚାଳନା ମଧ୍ୟମ ପାଣ୍ଡବ ଅର୍ଜୁନଙ୍କ ଏକ ସହଜ ପ୍ରବୃତ୍ତି ଥିଲା। ଥରେ ଅର୍ଜୁନ ଘୋଡାଚାଳନା କରିବା ବେଳେ ବହୁ ଦୂରକୁ ଚାଲିଯାଇଥିଲେ । ସେ ଏକ ମନ୍ଦସ୍ରୋତ ନଦୀ ନିକଟରେ ପହଞ୍ଚି ଘୋଡାକୁ ଗଛ ଡାଳରେ ବାନ୍ଧି ତୃଷ୍ଣା ମେଣ୍ଟାଇବା ପାଇଁ ନଦୀ ସମୀପକୁ ଗଲେ। ହଠାତ୍ କେହି ଜଣେ ପାଟି କରି କହିଲା, 'ମଣିମା ! ଏହା ପିଇବା ପାଣି ନୁହେଁ । ଏହା ବିଷାକ୍ତ ଅଟେ। ତା'ପରେ ଅର୍ଜୁନ ଯାହା ଦେଖିଲେ ସେଥିରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ କଣ୍ଠସ୍ୱରରୁ ଜାଣିଲେ ଯେ ସୂଚନାଦାତା ଜଣେ ଯୁବକ ବୋଲି କିନ୍ତୁ ସେହି ଯୁବକର ଗୋଟିଏ ବି ଦାନ୍ତ ନଥିଲା। ମୁଣ୍ଡରେ ଥିବା ସମସ୍ତ କେଶ ଧଳା ହୋଇଯାଇଥିଲା। ବାଡ଼ିଟିଏ ହାତରେ ଧରି ସେ ଅତ୍ୟନ୍ତ କଷ୍ଟରେ ଅର୍ଜୁନଙ୍କ ନିକଟକୁ ଆସିଲା। ତା'ର ସମ୍ପୂର୍ଣ୍ଣ ଶରୀରରେ ଶୀରା ପ୍ରଶିରା ଦେଖାଯାଉଥିଲା। ତା'ର ହାତ ଧରି ଅର୍ଜୁନ ତାକୁ ଆଣି ଏକ ଗଛ ମୂଳେ ବସାଇଲେ। ବସନ୍ତ ଋତୁରେ ମଧ ପତ୍ର ଏବଂ ଫୁଲ ବିନା ଶୁଖିଲା ଗଛ ପରି ଦେଖାଯାଉଥିଲା ସେହି ଯୁବକଟି। ତୁମର ଯତ୍ନ ନେବାକୁ କିମ୍ବା ତୁମର ସେବା କରିବାକୁ ତୁମର କଣ କେହି ପିଲାମାନେ ନାହାଁନ୍ତି କି ?' ଅର୍ଜୁନ ପଚାରିଲେ। ଅର୍ଜୁନଙ୍କ ପ୍ରଶ୍ନରେ ସେ ଟିକିଏ ହସିଲେ। ଅତ୍ୟଧିକ ଦୁଃଖ ମିଶ୍ରିତ ଥିଲା ସେହି ହସ । ତା'ପରେ ସେ କହିଲା, 'ମୁଁ ବୃଦ୍ଧ ନୁହେଁ। ମୋତେ କେବଳ ଅଠେଇଶ ବର୍ଷ ବୟସ। ଏହା ମୋର ଅକାଳ ବୃଦ୍ଧାବସ୍ଥା। ମୋର ସନ୍ତାନ ଅଛି, କିନ୍ତୁ ମୁଁ ଇଚ୍ଛା କରେ ସେ ଶୀଘ୍ର ମୃତ୍ୟୁବରଣ କରୁ। । ' ଜଣେ ପିତା ନିଜ ସନ୍ତାନର ମୃତ୍ୟୁ ଚାହୁଁଛନ୍ତି କାହିଁକି ? ପିଲାଟିର ଦୋଷ କ'ଣ ? " ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ । ସେ ଟିକିଏ ହସି କହିଲା – 'ପିଲାଟି ଅକ୍ଷମ, ଅନ୍ଧ, ଶ୍ରବଣଶକ୍ତି ବିହୀନ ଓ ପଙ୍ଗୁ । ତାର ସମସ୍ତ ଅଙ୍ଗ ଧୀରେ ଧୀରେ ଖରାପ ହେବାକୁ ଲାଗୁଛି। ତାଙ୍କ ମୁଣ୍ଡର ଆକାର ବୃଦ୍ଧି ପାଉଛି। ତାର ବୋଧଶକ୍ତି ପ୍ରାୟ ନାହିଁ। ଏପରି ଅବସ୍ଥାରେ ବଞ୍ଚିରହିବାର କ'ଣ ପ୍ରୟୋଜନ ଅଛି ?' ପୁନର୍ବାର ଅର୍ଜୁନ ତାଙ୍କୁ ପଚାରିଲେ, ତୁମେ ଅଭିଶାପିତ କି ? ବର୍ତ୍ତମାନ ସେ ଜୋରରେ ହସି କହିଲେ, 'ହଁ, ମୁଁ ଅଭିଶାପିତ। ଘଟିଯାଇଥିବା ମହାଯୁଦ୍ଧରେ ଜଳ, ବାୟୁ, ଆଲୋକ, ପରିବେଶ ଇତ୍ୟାଦି ସବୁ ପ୍ରଦୂଷିତ ହୋଇଯାଇଛି । ସେହେତୁ ହିଁ ଅନେକ ଲୋକ ରୁଗ୍ଣ ଏବଂ ଅସହାୟ ହୋଇପଡିଛନ୍ତି। ଏହି ମହାଯୁଦ୍ଧ ହିଁ ସମଗ୍ର ଆର୍ଯ୍ୟାବର୍ତ୍ତର ଅଭିଶାପ ପାଲଟିଯାଇଛି। ଦିବ୍ୟାସ୍ତ୍ର ଆଦିର ପ୍ରୟୋଗଦ୍ୱାରା ମୋ ପରି ଅନେକ ଲୋକ ଦୁଃଖ ଭୋଗିଛନ୍ତି ଏବଂ ଗଛଗୁଡ଼ିକ ଶ୍ରୀହୀନ ହୋଇଯାଇଛନ୍ତି। ଅସ୍ତ୍ର ସହିତ ଅସ୍ତ୍ରର ସଂଘର୍ଷର ପ୍ରଭାବ ଏବଂ ପ୍ରତିକ୍ରିୟା ମାନବ ଓ ପ୍ରାଣୀ ସମାଜ ଉପରେ କିପରି ପଡ଼ିବ ନାହିଁ ? ଅଠର ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ଯୁଦ୍ଧରେ ବିବିଧ ଦିବ୍ୟାସ୍ତ୍ର ପ୍ରୟୋଗରେ ସୃଷ୍ଟିର ସୌନ୍ଦର୍ଯ୍ୟତା ମଧ ନଷ୍ଟ ହୋଇଯାଇଛି । ଏହି ସୁନ୍ଦର ପୃଥିବୀ ଏବେ ଅଭିଶପ୍ତ । ସେ ବିଜୟ ହଉ କି ପରାଜୟ ଏହି ମାନବ ସମାଜ ଓ ପ୍ରକୃତିକୁ ଏକ ବିରାଟ ମୂଲ୍ୟ ଦେବାକୁ ପଡୁଛି ।



ଭବତୋଷ ତ୍ରିପାଠୀ
*ପାର୍ବତୀପୁର, ପୁରୀ*
*ମୋ – ୯୦୯୦୧୭୨୧୬୭*

## ।। ଓଁ ଶ୍ରୀ ଦୁର୍ଗା ମାଧବାଭ୍ୟାଂ ନମଃ ।।



ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରିପାଠୀ ଶର୍ମା
ଶ୍ରୀ ଲୋକନାଥ ରୋଡ଼, ହାତୀଶାଳ,
ପୁରୀ-୭୯୭୮୪୬୪୬୩୯



**ମେଷ ରାଶି-** ମାସଟି ଆପଣଙ୍କର ଖୁବ ଭଲରେ ଯିବ. ଦେହ ଓ ମନ ଭଲ ରହିବ.କର୍ମରେ ସଫଳତା ପାଇବେ.ଆୟ ଉତ୍ତମ ହେବ. ପାରିବାରିକ ଜୀବନ ସୁଖଶାନ୍ତିରେ କଟିବ.ବ୍ୟବସାୟ ଅତ୍ୟନ୍ତ ଭଲରେ ଚାଲିବ.ବିଦ୍ୟାର୍ଥୀମାନେ ପଢ଼ାରେ ସୁଫଳ ପାଇବେ।

**ବୃଷ ରାଶି –** ମାସଟିରେ ଆପଣ ମଧ୍ୟମ ଫଳ ପାଇବେ. ଦେହ ଓ ମନ ସାଧାରଣତଃ ଭଲ ରହିବ.କର୍ମକ୍ଷେତ୍ରରେ ଆଶା ରଖି ସଫଳ ହେବେ.ଆୟ ମଧ୍ୟମ ହେବ.ପାରିବାରିକ ଜୀବନରେ ଦ୍ୱନ୍ଦ୍ୱ ବଢିବ. ବ୍ୟବସାୟ ମନ୍ଥର ହେବ. ବିଦ୍ୟାର୍ଥୀମାନେ ପଢ଼ାରେ ଶୁଭଫଳ ପାଇବେ।

**ମିଥୁନ ରାଶି –** ମାସଟି ଆପଣଙ୍କର ସେତେ ଭଲରେ କଟିବ ନାହିଁ. ଦେହ ଭଲ ରହିବ. କର୍ମକ୍ଷେତ୍ରରେ ଅସ୍ଥିରତା ଦେଖାଦେବ. ଆୟ ହ୍ରାସ ହେବ. ପାରିବାରିକ ଜୀବନରେ ଅଶାନ୍ତି ଦେଖାଦେଇପାରେ. ବ୍ୟବସାୟ ସେତେ ଶୁଭ ନାହିଁ. ବିଦ୍ୟାର୍ଥୀମାନେ ପଢ଼ାରେ ସେତେ ଭଲ ନାହିଁ ।

**କର୍କଟ ରାଶି –** ଏହି ମାସଟି ଆପଣଙ୍କର ଫଳ ସେତେ ଶୁଭ ନାହିଁ.ଦେହ ଓ ମନ ଭଲ ନରହିପାରେ.କର୍ମରେ ଚିନ୍ତିତ ରହିବେ. ଆୟ ଠାରୁ ବ୍ୟୟ ଅଧିକ ହେବ. ପାରିବାରିକ ଜୀବନରେ ଅଶାନ୍ତି ହୋଇପାରେ. ବ୍ୟବସାୟ ମଧ୍ୟମ ଫଳ ଦେବ. ବିଦ୍ୟାର୍ଥୀମାନେ ପଢ଼ାରେ ମଧ୍ୟମ ଫଳ ପାଇବେ।

**ସିଂହ ରାଶି –** ମାସଟି ଆପଣଙ୍କର ଅତ୍ୟନ୍ତ ଭଲରେ କଟିବ.ଦେହ ଓ ମନ ଭଲ ସାଧାରଣତଃ ରହିବ.ଆୟ ଭଲ ହେବ.ପାରିବାରିକ ଜୀବନ ସୁଖସମୃଦ୍ଧି ରେ କାଟିବେ.ବ୍ୟବସାୟରେ ପ୍ରତିଷ୍ଠିତ ଯୋଗ ରହିଛି.ବିଦ୍ୟାର୍ଥୀମାନେ ପଢାପଢିରେ ଓ ପରୀକ୍ଷାରେ ଉଚ୍ଚଫଳ ପାଇବେ ।

**କନ୍ୟା ରାଶି –** ଏହି ମାସଟି ଆପଣଙ୍କର ଅତ୍ୟନ୍ତ ଶୁଭଫଳ ଦେବ. ଦେହ ପ୍ରାୟ ଭଲ ରହିବ. କର୍ମକ୍ଷେତ୍ରରେ ସାଫଲ୍ୟତା ଯୋଗ ରହିଛି । ଆୟ ଅତ୍ୟନ୍ତ ଭଲ ହୋଇପାରେ. ପାରିବାରିକ ଜୀବନ ସୁଖସମୃଦ୍ଧି ରେ କାଟିବେ. ବ୍ୟବସାୟ ଭଲ ହେବ । ବିଦ୍ୟାର୍ଥୀମାନେ ପଢ଼ାରେ ଶୁଭଫଳ ପାଇବେ.।

**ତୁଳା ରାଶି –** ଏହି ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ଅଟେ. କର୍ମକ୍ଷେତ୍ରରେ ସୁଫଳ ପାଇବେ. ଆୟ ମଧ୍ୟମ ଧରଣର ରହିବ । ପାରିବାରିକ ଜୀବନରେ ସୁଖଶାନ୍ତି ପାଇବେ.ବ୍ୟବସାୟ ରେ ମଧ୍ୟମଫଳ ପାଇବେ. ବିଦ୍ୟାର୍ଥୀମାନେ ପରିଶ୍ରମ କରି ଉପଯୁକ୍ତ ଫଳ ପାଇବେ ।

**ବିଛା ରାଶି –** ମାସଟି ଆପଣଙ୍କର ଏତେ ଶୁଭ ନାହିଁ । ଦେହ ଭଲ ନରହିପାରେ.କର୍ମକ୍ଷେତ୍ରରେ ସାମାନ୍ୟ କ୍ଷତି ହୋଇପାରେ । ଆୟ ଅପେକ୍ଷା ବ୍ୟୟ ଅଧିକ ହୋଇପାରେ. ପାରିବାରିକ ଜୀବନରେ ଅଶାନ୍ତି ଯୋଗ ରହିଛି । ବିଦ୍ୟାର୍ଥୀମାନେ ପଢ଼ାରେ ମନଦେବେନାହିଁ ।

**ଧନୁ ରାଶି –** ଏହି ମାସଟି ଆପଣଙ୍କର ଶୁଭଦାୟକ ନୁହେଁ. ଦେହ ସାମୟିକ ପୀଡା ହେବ. କର୍ମକ୍ଷେତ୍ରରେ କାର୍ଯ୍ୟହାନି ହୋଇପାରେ. ଆୟ ସାମାନ୍ୟ ହେବ. ପାରିବାରିକ ଜୀବନରେ ପ୍ରୀତିହାନି ହୋଇପାରେ. ବ୍ୟବସାୟରେ ମଧ୍ୟମ ଫଳ. ବିଦ୍ୟାର୍ଥୀମାନେ ପରିଶ୍ରମ କରିବେ।

**ମକର ରାଶି –** ଏହି ମାସଟି ଆପଣଙ୍କର ଅତି ଭଲରେ କଟିବ. ଦେହ ଓ ମନ ପ୍ରାୟ ଭଲ ରହିବ. କର୍ମକ୍ଷେତ୍ରରେ ସଫଳତା ପାଇବେ. ଆୟ ବୃଦ୍ଧି ହେବ. ପାରିବାରିକ ଜୀବନ ଆନନ୍ଦଦାୟକ ରହିବ. ବ୍ୟବସାୟରେ ଲାଭବାନ ହେବେ. ବିଦ୍ୟାର୍ଥୀମାନେ ପଢ଼ାରେ ଉଚ୍ଚଫଳ ପାଇବେ।

**କୁମ୍ଭ ରାଶି –** ଏହି ମାସଟି ଆପଣଙ୍କର ବିଶେଷ ଶୁଭଦାୟକ ନୁହେଁ. ଦେହ ସାଧାରଣତଃ ଭଲ ରହିବ. କର୍ମକ୍ଷେତ୍ରରେ ଆଶା ବଜାୟ ରଖିବେ. ପାରିବାରିକ ଜୀବନ ସୁଖସମୃଦ୍ଧିରେ କାଟିବେ. ବ୍ୟବସାୟରେ ସାମାନ୍ୟ ଲାଭ ହେବ. ବିଦ୍ୟାର୍ଥୀମାନେ ପଢ଼ାରେ ଧ୍ୟାନ ଦେବେନି।

**ମୀନ ରାଶି –** ଏହି ମାସଟି ଆପଣଙ୍କର ଶୁଭାଶୁଭ ମିଶ୍ରିତ ଫଳଦାୟକ ହେବ. ଦେହ ଓ ମନ ପ୍ରାୟ ଭଲ ରହିବ. କର୍ମକ୍ଷେତ୍ରରେ ସୁଫଳ ପାଇବେ. ଆୟ ବୃଦ୍ଧି ହେବ. ପାରିବାରିକ ଜୀବନ ଖୁସିରେ କାଟିବେ. ବ୍ୟବସାୟରେ ଉନ୍ନତି ଘଟିବ. ବିଦ୍ୟାର୍ଥୀମାନେ ପଢ଼ାରେ ଶୁଭଫଳ ପାଇବେ ।

# ମହାବାହୁ ଆଶିଷ ଦିଅନ୍ତୁ



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମହାପ୍ରଭୁଙ୍କ ପବିତ୍ର ବାହୁଡ଼ା ଯାତ୍ରା ସମ୍ପାପନ ହୋଇଯାଇଛି। ଓଡ଼ିଆ ଜାତିର ଇଷ୍ଟ ତଥା ଅଗଣିତ ସନାତନୀ ବିଶ୍ୱାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ କଳାଠାକୁର ଭାଇ-ଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିସାରିଛନ୍ତି। ସୁନାବେଶ- ଅଧରପଣା ପରେ ନୀଳାଦ୍ରି ବିଜେ କରିସାରିଛନ୍ତି । ମହାପ୍ରଭୁଙ୍କ ମହାଲୀଳାରେ ସାମିଲ ହେବାପାଇଁ ପୁରୀ ବଡ଼ଦାଣ୍ଡ ଚଳଚଞ୍ଚଳ ହୋଇଉଠିଛି। ଏହା ସହ ଓଡ଼ିଶାର ପୁରପଲ୍ଲୀ, ସବୁ ରାଜ୍ୟ ଏବଂ ବିଶ୍ୱର ଅନେକ ରାଷ୍ଟ୍ରରେ ମହାପ୍ରଭୁଙ୍କ ଏହି ମାନବୀୟ ଲୀଳାରେ ମଧ ସାରା ଦୁନିଆଁ ସାମିଲ ହୋଇଛି। ବାହୁଡ଼ା ଯାତ୍ରାର ପବିତ୍ର ଅବସରରେ ସାଢ଼େ ଚାରି କୋଟି ଓଡ଼ିଆ ତଥା ସମଗ୍ର ମାନବ ସମାଜ ଉପରେ ମହାପ୍ରଭୁ ଆଶୀର୍ବାଦ ବର୍ଷା କରନ୍ତୁ ଏହା ହିଁ ପ୍ରାର୍ଥନା। ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ସାମ୍ନାରେ ପ୍ରବଳ ଜନସମାଗମ। ଏହା ସହ ଦୁର୍ଭାଗ୍ୟଜନକ ଘଟଣାକ୍ରମରେ ଦଳାଚକଟାରେ ତିନି ଜଣ ଭକ୍ତଙ୍କର ଜୀବନଦୀପ ଲିଭିଯିବା ଘଟଣା ଆପଣମାନଙ୍କୁ ନିଶ୍ଚିତ ଭାବେ ବ୍ୟଥିତ କରିଛି । ସବୁ ଓଡ଼ିଶାବାସୀଙ୍କ ପରି ସେଦିନ ମୁଁ ବି ବ୍ୟଥିତ ହୋଇ ଉଠିଥିଲି। ଆପଣମାନଙ୍କ ମନରେ ଯେଉଁ ଦୁଃଖ ଓ ଯନ୍ତ୍ରଣା ଥିଲା ମୋ ମନ ବି ଠିକ୍ ସେମିତି ଦୁଃଖ ଓ ଯନ୍ତ୍ରଣାରେ ଜର୍ଜରିତ ହୋଇଥିଲା। ସେଦିନ ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥ ତଥା ମହାପ୍ରଭୁଙ୍କ ଅଗଣିତ ଭକ୍ତମଣ୍ଡଳୀଙ୍କ ପାଖରେ କ୍ଷମା ପ୍ରାର୍ଥନା କରିଥିଲି। ଯେ କେହି ବି ଏହି ଜୀବନହାନି ପାଇଁ ଦାୟୀ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମୋର ପ୍ରିୟ ଓଡ଼ିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲି। ଜୀବନହାନିର କ୍ଷତିପୂରଣ ଅର୍ଥ ହୋଇପାରିବ ନାହିଁ । ତଥାପି ତିନି ପରିବାର ପାଖରେ ମୋ ମନ୍ତ୍ରିମଣ୍ଡଳର ସହଯୋଗୀଙ୍କୁ ବ୍ୟକ୍ତିଗତ ଭାବରେ ସାକ୍ଷାତ କରି ସାନ୍ତ୍ୱନା ଦେବା ପାଇଁ ପଠାଇଥିଲି। ଏହା ସହ ପଚିଶ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି ତିନି ପରିବାରର ଦୁଃଖକଷ୍ଟ ଓ ନିଜର ପରିଜନଙ୍କୁ ହରାଇବାର କଷ୍ଟକୁ ତ କେହି ନେଇପାରିବେ ନାହିଁ । ମାତ୍ର ଏହି ପରିବାରର ବନ୍ଧୁ ଭାବରେ ସେମାନଙ୍କ ଦୁଃଖର ଘଡ଼ିରେ ମୁଁ ଓ ମୋ ସରକାର ଛିଡ଼ା ହେବା ଆମର ପରମ ଦାୟିତ୍ୱ ଓ କର୍ତ୍ତବ୍ୟ ଭାବରେ ନେଇଛୁ । ପ୍ରାଥମିକ ସ୍ତରରେ କିଛି ବରିଷ୍ଠ ଅଧିକାରୀଙ୍କୁ ବଦଳି, କିଛିଙ୍କୁ ନିଲମ୍ବନ କରିଛୁ । ଏହି ଘଟଣାର ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେବା ସହ ଆସନ୍ତା ମାସେ ଭିତରେ ତଦନ୍ତ ରିପୋର୍ଟ ଦେବା ପାଇଁ ମୁଁ ନିର୍ଦ୍ଦେଶ ଦେଇଛି। ସେ ଦିନ ବି କହିଥିଲି ଆଜି ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ପୁଣି ଥରେ ଦୋହରାଉଛି। ତଦନ୍ତ ରିପୋର୍ଟ ଆସିବା ପରେ ସଙ୍ଗେ ସଙ୍ଗେ ତର୍ଜମା କରି ଏହି ଅଘଟଣ ପାଇଁ ଯାହାର ବି ଅବହେଳା ଦାୟୀ ସେ ଯିଏ ବି ହୁଅନ୍ତୁନା କାହିଁକି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଜଗତର ନାଥ। ସେ ବିଶ୍ୱନିୟନ୍ତା । ସମଗ୍ର ମାନବଜାତି ର ଦେବତା। ମାତ୍ର ପୁରୀ ନୀଳାଚଳ ଧାମକୁ ଆସିବା ପୂର୍ବରୁ ଆଦିବାସୀ ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ସେ ହେଉଥିଲେ ପୂଜିତ । ବଣଜଙ୍ଗଲର ଫଳମୂଳ ସହ ଆଦିବାସୀ ସମାଜର ଭକ୍ତି ଓ ଭାବରେ ସନ୍ତୁଷ୍ଟ ହେଉଥିଲେ ବିଶ୍ୱନିୟନ୍ତା। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ବନବାସ ସମୟରେ ଶବରୀ ମାତାର ଆତିଥ୍ୟକୁ ଖାଲି ସ୍ୱୀକାର କରି ନଥିଲେ, ବରଂ ଜଣେ ଆଦିବାସୀ ବୃଦ୍ଧା ଖଟାମିଠା ଫଳ ବାଛିବା ପାଇଁ ପାଟିରେ ଚାଖି ନିଜ ଉଚ୍ଛିଷ୍ଟକୁ ଯେତେବେଳେ ଶ୍ରୀରାମଙ୍କୁ ଖୁଆଇ ଦେଉଥିଲେ ସେତେବେଳେ ଭଗବାନ ମର୍ଯ୍ୟାଦା ପୁରୁଷୋତ୍ତମ ପରମ ତୃପ୍ତିରେ ଗ୍ରହଣ କରି ଶବରୀ ମାତା ଉପରେ ଆଶୀର୍ବାଦର ବର୍ଷା କରିଥିଲେ। ସେମିତି ଆମ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଆମର ମାଣବସା ଗୁରୁବାର। ପଞ୍ଚଦଶ ଶତାବ୍ଦୀରେ ଆମର ଅମର କବି ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ଓଡ଼ିଆ ଜାତିର ସଭ୍ୟତା ଓ ସଂସ୍କୃତିର ଗର୍ବ ଓ ଗୌରବ। ଯେଉଁ ସଂସ୍କୃତିକୁ ଆମର ପରିବାରମାନଙ୍କରେ ଆଜି ବି ନିଷ୍ଠା ଓ ଭକ୍ତିର ସହ ପାଳନ କରାଯାଏ। ସ୍ୱୟଂ ମା ଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ଆମ ସମାଜ ବ୍ୟବସ୍ଥାର ତଥାକଥିତ ନୀଚ ଜାତିର ଶ୍ରୀୟାର ଆତିଥ୍ୟ ସ୍ୱୀକାର କରିଥିଲେ। ଉଚ୍ଚ ବା ନୀଚ ଜାତି ନୁହେଁ, ବରଂ ମା ଅନ୍ନପୂର୍ଣ୍ଣା ଭକ୍ତି-ଭାବ ଓ ସ୍ୱଚ୍ଛତା ଆଧାରରେ ନିଜେ ଆତିଥ୍ୟ ସ୍ୱୀକାର କରିବା ପାଇଁ ପରିବାର ନିରୂପଣ କରିଥିଲେ । ସମୟଚକ୍ରରେ ମୋ ଭଳି ଜଣେ ଗରିବ ଆଦିବାସୀ ପରିବାରରୁ ଆସିଥିବା ବ୍ୟକ୍ତିକୁ ସାରା ଓଡ଼ିଶାର ବିକାଶ ଓ ଅସ୍ମିତା ତଥା ସ୍ୱାଭିମାନ ରକ୍ଷାର ନୁହେଁ। ମୁଁ ନିମିତ୍ତ ମାତ୍ର। ମହାପ୍ରଭୁ ହିଁ ଆମର ଦାୟିତ୍ୱ ମିଳିବା ମହାପ୍ରଭୁଙ୍କ ଇଚ୍ଛା ବିନା ସମ୍ଭବ ରାଜା। ଉତ୍କଳମଣିଙ୍କ ଭାଷାରେ, "ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ।" ମୁଁ ଜାଣିଛି ମୋତେ ମହାପ୍ରଭୁଙ୍କ ଆଶୀର୍ବାଦ ବିନା ଓଡ଼ିଶା ବ୍ୟବସ୍ଥା ଚଳାଇବାର ଦାୟିତ୍ୱ ମିଳିନଥାନ୍ତା। କିନ୍ତୁ ମହାପ୍ରଭୁଙ୍କ ସାମ୍ନାରେ ଦଳାଚକଟାରେ ମୃତ୍ୟୁର ଦାୟିତ୍ୱରୁ ମୁଁ ହଟି ପାରିବି ନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ତାଙ୍କର କୋଟିକୋଟି ଭକ୍ତ ମଣ୍ଡଳୀଙ୍କ ପାଖରେ ମୁଁ ଉତ୍ତରଦାୟୀ। ମୁଁ ଆଦିବାସୀ। ପଡ଼ି-ଉଠି ଜୀବନ ସଂଘର୍ଷ କରି ମହାପ୍ରଭୁଙ୍କ ଆଶୀର୍ବାଦ କାରଣରୁ ଏହି ସ୍ଥାନରେ ପହଞ୍ଚିଛି। ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଓଡ଼ିଶାକୁ ପ୍ରଗତିର ଶୀର୍ଷ ସ୍ଥାନରେ ପହଞ୍ଚାଇବାରେ ଆମେ ସଫଳ ହେବା, ଏହା ମୋର ଦୃଢ଼ ବିଶ୍ୱାସ। ପବିତ୍ର ବାହୁଡ଼ାଯାତ୍ରାର ଶୁଭ ଅବସରରେ ଓଡ଼ିଶାର ମୋ ପ୍ରିୟ ଭାଇଭଉଣୀଙ୍କ ପାଖରେ ଆମ ସମସ୍ତଙ୍କ ପାଇଁ ଏକ ଶୁଭ ଖବର ଜଣାଇବାକୁ ଚାହୁଁଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ ଓଡ଼ିଶା ବେସରକାରୀ ପୁଞ୍ଜିନିବେଶ କ୍ଷେତ୍ରରେ ସାରା ଦେଶରେ ରେକର୍ଡ କରିଛି । ଏହି ତିନିମାସରେ ସାରା ଦେଶରେ, ଅର୍ଥାତ ଓଡ଼ିଶା ସମେତ ସବୁ ରାଜ୍ୟରେ, ୩.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି । ଏଥିରୁ ଆମ ରାଜ୍ୟ ଓଡ଼ିଶା ଭାଗରେ ୧୪ ଲକ୍ଷ କୋଟି ପଡ଼ିଛି । ଯଦି ସାରା ଦେଶକୁ ୧୦୦ ଟଙ୍କାର ପୁଞ୍ଜି ଆସିଛି ଦେଶର ଓଡ଼ିଶା ଛାଡ଼ି ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶକୁ ୬୦ ଟଙ୍କା ଗଲା ବେଳେ କେବଳ ଓଡ଼ିଶାକୁ ୪୦ ଟଙ୍କା ଆସିଛି। ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କର ପୂର୍ବୋଦୟ ଯୋଜନାରେ ଓଡ଼ିଶାକୁ ପ୍ରାଧାନ୍ୟ ଦେବା ସହିତ ଓଡ଼ିଶାକୁ ପ୍ରକୃତପକ୍ଷେ ଲାଭ ଦେବା ଆରମ୍ଭ କରିଛି । ଉତ୍କର୍ଷ ଓଡ଼ିଶା ଓ ପ୍ରବାସୀ ଭାରତୀୟ ଦିବସ ଓଡ଼ିଶାରେ ଆୟୋଜନ କରି ଏଠାରେ ପୁଞ୍ଜିନିବେଶ ପାଇଁ ମୋଦୀ ଗ୍ୟାରେଣ୍ଟିର ପ୍ରତିଶ୍ରୁତି ଦେଇଥିଲେ। ଖାଲି ପ୍ରତିଶ୍ରୁତି ନୁହେଁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟ ମାସରେ ଓଡ଼ିଶା ଦେଶର ପୁଞ୍ଜି ଆକର୍ଷଣରେ ଏକ ନମ୍ବର ରାଜ୍ୟ ଭାବରେ ଉଭା ହେବା- ଓଡ଼ିଶା ଯେ ନୂଆ ସରକାରର ପ୍ରଥମ ବର୍ଷରେ ଠିକ୍ ଦିଶା ଓ ସ୍ପଷ୍ଟ ନୀତିର ଆଧାରରେ ଆଗକୁ ବଢ଼ି ଚାଲିଛି ଏହା ପ୍ରମାଣିତ ହୋଇଛି। ମହାପ୍ରଭୁ ଗରିବ ତଥା ଆଦିବାସୀ ସମାଜ ବ୍ୟବସ୍ଥାର ତଥାକଥାତ ଜାତି ବ୍ୟବସ୍ଥାର ସବା ତଳ ପାହାଚର ବ୍ୟକ୍ତିବିଶେଷ ଓ ଗରିବଙ୍କର ଦେବତା । ତାଙ୍କ ମହାପ୍ରସାଦ ବିତରଣର ସ୍ଥାନ ଆନନ୍ଦ ବଜାରରେ ଉଚ୍ଚନୀଚର ଭେଦଭାବ ନାହିଁ । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦେଇ ଜନସମୁଦ୍ର ମଧ୍ୟରେ ଏକାକାର ହେବାପାଇଁ ରତ୍ନ ସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି ଆମର ମହାବାହୁ। ଆମର ବିଶ୍ୱାସ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୂର୍ଯ୍ୟ-ଚନ୍ଦ୍ର ଭଳି ବେନି ନୟନକୁ ଅନାଇ ଭାବବିହ୍ୱଳ ହେଉଥ ?ବା ଭକ୍ତର ସବୁ ଦୁଃଖକଷ୍ଟ ହରନ୍ତି କଳାଠାକୁର। ହେ ମହାବାହୁ। ଓଡ଼ିଆ ଜାତିକୁ ଆପଣ ଚକ୍ର ଉହାଡ଼ କରିଥାନ୍ତୁ । ଆଜି ଆମେ ଅଛୁ । ଏ ନଶ୍ୱର ସଂସାରରେ ପିଢ଼ି ପରେ ପିଢ଼ି ଆସିବ ଓ ଯିବ; କିନ୍ତୁ ଆପଣ କାହିଁ କେଉଁ ଅନାଦି ଅନନ୍ତ କାଳରୁ ଅଛନ୍ତି । ଆଉ ଅନାଦି- ଅନନ୍ତ କାଳ ପର୍ଯ୍ୟନ୍ତ ରହିବେ। ଆପଣଙ୍କ ଆଶୀର୍ବାଦରେ ଆମେ ଆମ ଜୀବଦ୍ଦଶାରେ ଓଡ଼ିଶାକୁ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱର ଆର୍ଥିକ ଦୃଷ୍ଟିରୁ ସବୁଠୁ ଆଗୁଆ ଭୂଖଣ୍ଡ ଭାବରେ ଗଢ଼ି ତୋଳିବା ପାଇଁ ଚାହୁଁ। ଆପଣଙ୍କ ଆଶୀର୍ବାଦରେ କେଇ ଶତାବ୍ଦୀ ପୂର୍ବରୁ ଓଡ଼ିଆ ସାଧବପୁଅ ପୂରା ଦକ୍ଷିଣ-ପୂର୍ବ ଏସିଆରେ ବ୍ୟବସାୟ ବାଣିଜ୍ୟ କରି ଆମ ରାଜ୍ୟକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇଥିଲେ। କେତେବେଳେ ଆଗରେ ତ କିଏ କେତେବେଳେ ସମୟର ଚକ ଗଡ଼ୁଛି । ଆପଣଙ୍କ ଇଚ୍ଛାରେ କିଏ ପଛରେ। ଆମେ ଦିନରାତି ଯୋଜନାବଦ୍ଧ କଠିନ ପରିଶ୍ରମ ପାଇଁ ପ୍ରସ୍ତୁତ। ଆପଣଙ୍କ ଆଶୀର୍ବାଦ ଆମ ପଥକୁ ସୁଗମ କରିବ । ଆମ ପ୍ରଦେଶ ଗଠନର ଶହେ ବର୍ଷ ୨୦୩୬ ମସିହା ସୁଦ୍ଧା ଆମ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ପାଇଁ ଆଶୀର୍ବାଦ ଦିଅନ୍ତୁ। ଆମ ରାଜ୍ୟ ଓଡ଼ିଶାକୁ ଆପଣ ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ଜଳସମ୍ପଦ, ଜଙ୍ଗଲ ସମ୍ପଦ ତଥା ପରିଶ୍ରମୀ ଓ ବୁଦ୍ଧିମାନ ମାନବ ସମ୍ବଳ ଦେଇଛନ୍ତି। ଓଡ଼ିଶା ପାଖରେ ଯେଉଁ ସମ୍ବଳ ଅଛି ଦେଶର ଅନ୍ୟ କୌଣସି ରାଜ୍ୟ ପାଖରେ ସେ ସଂସାଧନ ନାହିଁ ଓ ହେ ମହାପ୍ରଭୁ- ଓଡିଶା ଧନୀ, ମାତ୍ର ଓଡିଆ ଗରିବ। କେତେଦିନ ଏହି ଲାଞ୍ଛନା ଓ ଅପମାନ ସହିବାକୁ ପଡ଼ିବ ? ମୁଁ ଆଦିବାସୀ-ଗରିବ ପରିବାରରୁ ଆସିଛି। ଗରିବର କଷ୍ଟକୁ ଅଙ୍ଗେ ନିଭେଇ ନିଭେଇ ଆସିଛି। ମହାପ୍ରଭୁ, ଆପଣ ଜଗତର ନାଥ। ଗରିବର ଦେବତା। ଓଡିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ପାଇଁ ଆମେ ଆପଣଙ୍କୁ ସାକ୍ଷୀ ରଖି ଯୋଜନା କରିଛୁ। ଆପଣ ଆଶୀର୍ବାଦ କରନ୍ତୁ।



# Socio-Cultural Significance of the Car Festival

Dr. Soma Chand

The concept of Car festival and Lord Jagannath is very much synonymous with Orissan society and culture. It constitutes a very important aspect of Hindu religious thought, customs and beliefs. No doubt, it had its origin in the soil of Orissa but at present different parts of the globe have come under its charismatic influence. The car festival needs no description as it has mingled with our emotional as well as sentimental thoughts so to say it has become the blood of our being. Since time immemorial the concept has spread its all-pervasive appeal over innumerable hearts. The reference to car festival is very much present in the ancient Hindu scriptures like Narada Purana, Skanda Purana, Padma Purana, Suta Samhita etc. Even the genesis of the Lord has got much relation with Vedic rituals and ceremonies. Thus, Lord Jagannath and his car festival with deep historical pedigree have permeated the socio-cultural altar of the society with customary rites, traditional touch and spiritual heritage. The Lord of the universe has manifested himself in different names. He is Keshab in Mathura, Madhav in Prayag, Madhusudan in Mandar, Padmanav in Anandaranya, Vishnu in Vishnukanchi, Hari in Mayapur. But in the Eastern Coast of India in Puri, He is Jagannath, the overlord. The very name has its implication being the Supreme Master, the Utterance of whom leads to salvation of the soul or Moksha. The Car Festival being the greatest festival of the Lord is but another way to emancipate the human being from material bondage. Rightly it has been mentioned :

Dole tu dolagovindam
Chape tu Madhusudanam
Rathe tu Bamanam drustva
Punarjanmam na vidyate.

(It means the soul attains eternal salvation if one comes across the sight of Dolagovinda playing holi, Madhusudan enjoying a boat-ride and Jagannath moving in His Chariot.) The Car Festival besides its deep religious sanctity, spiritual appeal, aesthetic glamour has deep-rooted influence in the socio-cultural trend of Orissa. As a matter of fact, the festival symbolises 'confluence of all religions', for the presiding deity of the Car Festival, various religious sects like the Saivas, the Shaktas, the Vaishnavas, the Ganapatyas the tribals, the Buddhists, the Jains and the Muslims alike are none else but the sons and daughters of the same Almighty who has manifested Himself in vary many ways through vary many forms. Jagannath is the unique example where the Lord comes out of the sanctum sanctorium to meet his devotees irrespective of caste, colour or creed distinctions. He gives his benign presence to the assembled by showering His blessings of peace, love and harmony among all. This very magnanimity and universalism of Lord Jagannath are the cardinal significance of the Car Festival for common ordinary human beings. The festival has amply influenced our socio-cultural heritage. As we know the specific date of the festival is the second day of the bright fortnight of the month of Ashada (around June 15th to July 15th). Indeed, it is regarded as a very auspicious day with specific Puja and fasting. The entire day is marked by devotional flavour of worshipping the Lord, singing and listening to Jagannath Janana, Bhajana and doing Samkirtan etc. Even those who fail to attend the festival observe it in their respective places of worship even in their own spheres to the maximum limit. The festival is a universal one. Here the untouchables, the social outcastes, the downtroddens mingle together with the so-called upper castes at Badadanda. The system of Chhera-Panhara done by the Gajapati kings of Orissa reminds us of Rajadharma for the service of god and man. Thus, the concept that king as the first among the equals gets strengthened. One of the most unique features of the festival lies in the presence of brothers and sisters in the car. The love and affection of the elders for the younger sister is typically presented in the festival setting aside the claim of wife and other family members. Rightly it has been mentioned, "of all Hindu shrines, the temple of Jagannath (Lord of the Universe) in Orissa is undoubtedly the most famous. From very early times, we have detailed descriptions of the temple, the vast concourse of people who attend the annual festival and the ponderous cars of Jagannath and His brother and sister drawn by the pilgrims to his country house." The peculiarities of the three cars in other ways represent the other aspects of human life especially Sattva, Tama and Raja. The car of Balabhadra popularly known as Taladhvaja consists of fourteen wheels is decorated with blue and red clothes, ploughs, bunch of corn and Purna Kumbha (full pitcher). The car represents creativity and agriculture that are the root cause of human prosperity. It symbolises the royal qualities of human life or Rajabhava. The twelve wheeled Darpadalana chariot of sister Subhadra is marked by talabhava or balanced qualities of human life. Hence darkish presentation. The twelve months are imaginatively fixed with twelve wheels which help in carrying the programme of creativity inaugurated by elder brother Balabhadra. The sixteen wheeled Nandighosh chariot of Lord Jagannath is represented by Sattvabhava or serene and holistic qualities covered with yellow clothes. The Lord is the master of Sohala kala or all sixteen qualities needed for human life - hence sixteen wheels. Again the word Nandighosh consisting of two syllables (Nandi + ghosh) meaning happy journey in other words the car festival stands for journey of happiness, journey of devotion, journey of trances amidst the all-pervading fervour of the Lord. In addition, the car festival of the Lord has manifested itself in the realm of architecture. The concept of a chariot drawn by the horses driven by the charioteers has been duely represented at Konark. Here the entire structure is conceived in the form of a chariot for the worship of Sun god. In Hampi Vijaynagar we find a similar Rath or chariot type structure with happy reminiscences of Jagannath's car. Thus, the popularity of the car festival especially among the artisan class of the society has been indirectly strengthened. The car festival has its reflections in other ways also. The observance of Rukuna Rath for Lord Lingaraja in Bhubaneswar on the eighth day of the bright fortnight of Chaitra, Vairabha Yatra in the temples of Nepal, Matsyendra Yatra of the Buddhists in the month of Chaitra are the brilliant examples to be cited in the said context. Even the ancient Chinese traveller Fa-hi-en has referred to the car festival of the Buddhists in Khotan and Central Asian territories. In Srilanka, the teeth of Lord Buddha is put in a casket.

It is placed in a chariot which is pulled by the devotees. It is annual phenomena of the Buddhists. All these performances come under the cultural significance of Jagannath's heritage.The car festival has its tremendous impact in enriching Oriya literature. Lord Jagannath and Purushottam Kshetra being the pivot of Orissan society and culture, prayers, hymns, devotional songs, scriptures, mythologies, typical Orissan dances have evolved centering round the Lord and His abode through the ages. The poets, writers, singers and dancers have made their immortal contributions aiming at the significance of car festival. Mention may be made of Dinakrushna, Sadananda, Kavisurya Baladev Rath, Gourcharan, Banka Das, Jadumani, Hadidas, Abhimanyu Samanta Singhar, Jayadev, Salbeg et.al. who through their emotional creations have strengthened the lyrical tradition of Oriya liteature. The socio-cultural significance of the car festival is vast and extensive which is difficult to be adjusted in this small article. The festival is an institution by itself. Its genesis, growth, spread, implication and magnificence are but the reflections of spiritual, metaplysical universal catholicism of our socio-cultural heritage. The various names of the festivals like Ghosha Yatra, Srigundicha Yatra, Patitapabana Yatra, Adapa Yatra, Dasavatara yatra are the other ways of index of its multifarious significance. Thus, the car festival needs no description. Its impact on Oriya society and culture is simply obvious. It is felt and realised in all courses of our actions in various walks of life.

*Lecturer, Department of History, R.D. Women's College, Bhubaneswar.*

# ଶ୍ରୀଗୁଣ୍ଡିଚ଼ା ଯାତ୍ରାର ଅନନ୍ୟ ବିଧି : ମଙ୍ଗଳାର୍ପଣ

ପ୍ରାଚୀନ ସମୟରୁ ଶ୍ରୀମନ୍ଦିରରେ କେତେକ ନିର୍ଦ୍ଦିଷ୍ଟ ଯାନି ଯାତ୍ରା ପାଳନ ଅବସରରେ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇଥାଏ। ଏହି ବିଶେଷ ନୀତି ମୁଖ୍ୟତଃ ସ୍ନାନ ଯାତ୍ରା(ଜ୍ୟେଷ୍ଠ ପୂର୍ଣ୍ଣିମା) ଦିନ ରତ୍ନସିଂହାସନରୁ ପହଣ୍ଡି ବିଜେ ପୂର୍ବରୁ, ରଥଯାତ୍ରା ଦିନ ଅଣସର ପିଣ୍ଡିରୁ ରଥକୁ ପହଣ୍ଡି ବିଜେ ପୂର୍ବରୁ, ବାହୁଡ଼ା ଯାତ୍ରା ଦିନ ଗୁଣ୍ଡିଚ଼ା ମନ୍ଦିର ସିଂହାସନରେ ପହଣ୍ଡି ବିଜେ ପୂର୍ବରୁ, କୁମାର ପୂର୍ଣ୍ଣିମା ଓ ବଳଭଦ୍ର ଜନ୍ମ ଉତ୍ସବ ଉପଲକ୍ଷ୍ୟେ ସମୁଦାୟ ପାଞ୍ଚଥର ଏହି ବିଶେଷ ନୀତି ପାଳିତ ହୋଇଥାଏ।

ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ଶ୍ରୀମନ୍ଦିର ଶବ୍ଦାବଳୀ, ପୁରୀବୋଲି ଓ ଶ୍ରୀଜଗନ୍ନାଥ ଶବ୍ଦକୋଷ ଇତ୍ୟାଦି ଗ୍ରନ୍ଥମାନଙ୍କରେ ଉଲ୍ଲେଖ ପ୍ରକାରେ ମଙ୍ଗଳାରୋପଣ ବା ମଙ୍ଗଳାର୍ପଣ ଅର୍ଥ ମଙ୍ଗଳକାମନା କରି କରାଯାଉଥିବା ବିଧି। ଏଥିରେ ଷୋଡ଼ଶ ଦ୍ରବ୍ୟ ଅଭିମନ୍ତ୍ରିତ କରାଯାଇ (ଦେବତା, ରାଜାଦିଙ୍କୁ) ଅର୍ପଣ କରାଯାଇଥାଏ। ଉତ୍କଳ ରାଜ୍ୟର ପରମ୍ପରାରେ ରାଜାମାନେ ସିଂହାସନ ଆରୋହଣ ଓ ଯଜ୍ଞାଦି କାର୍ଯ୍ୟ ନିମିତ୍ତ ମଙ୍ଗଳ କର୍ମରେ କରାଯାଉଥିବା ବିଧି 'ମଙ୍ଗଳାର୍ପଣ ବା ମଙ୍ଗଳାରୋପଣ' ନାମରେ ଅଭିହିତ ଅଟେ। ସେହିପରି ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କର ପହଣ୍ଡି ବିଜୟର ଅବ୍ୟବହିତ ପୂର୍ବରୁ ବୈଦିକ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇଥାଏ। ଏ ସମ୍ପର୍କରେ କୁହାଯାଇଛି ଯେ –

"ଅଥାରର୍ଯ୍ୟସ୍ତୁ ବିଧିନା ମଙ୍ଗଳାରୋପଣଂ ହରେଃ।
ଅଗ୍ନିଶର୍ମା ବଳସ୍ୟାପି ବ୍ରହ୍ମା ଦେବ୍ୟାଃ ସମାଚରେତ୍ ॥"

ମଙ୍ଗଳାରୋପଣର ଅନ୍ୟ ଏକ ଅର୍ଥରେ ବର୍ଣ୍ଣନା ରହିଛି ଯେ, ବିବାହ ଓ ବ୍ରତ କର୍ମର ପ୍ରାରମ୍ଭିକ କର୍ମ। ନୂତନ କାର୍ଯ୍ୟର ପ୍ରାରମ୍ଭିକ କର୍ମ ଯାହା ହୋଇସାରିଲା ପରେ ଅଶୌଚ଼ାଦି ଘଟିଲେ ମଧ ବିବାହ, ବ୍ରତ ଆଦି କର୍ମ ବନ୍ଦ ହୁଏନାହିଁ। ସେହିପରି ଶ୍ରୀମନ୍ଦିର ପରମ୍ପରାରେ ବ୍ରାହ୍ମଣ ସେବକମାନଙ୍କ 'ଶାଢ଼ିବନ୍ଧା' ଦିନ ତାଙ୍କର ନିଜସ୍ୱ ଗୃହରେ ପୁରୋହିତଙ୍କ ଦ୍ୱାରା ମଙ୍ଗଳାର୍ପଣ ବିଧି କରାଯାଇଥାଏ। ମଙ୍ଗଳାର୍ପଣ ବା ମଙ୍ଗଳାରୋପଣ ନୀତିରେ ସାଧାରଣତଃ ଗଙ୍ଗାମାଟି, ଦୀପ, ଶ୍ରୀଫଳ ଦୂର୍ବା, ଗୋରଚନା, ପୁଷ୍ପ, ଦର୍ପଣ, ଦଧି, ଶ୍ୱେତ ସୋରିଷ, ବସ୍ତ୍ର, ଅଳଙ୍କାର, ଅକ୍ଷତ, ବରକୋଳି ପତ୍ର, ଚନ୍ଦନ, ସିନ୍ଦୂର ଆଦି ଦ୍ରବ୍ୟରେ ମଙ୍ଗଳାରୋପଣ କାର୍ଯ୍ୟ କରାଯାଏ। (ପୂ.ଭା- ପୃ.୬୧୯୧, ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି, ପୃ. ୮୭)।

"ଭୂମିଂ ଦୀପଂ ଫଳଂ ଦୂର୍ବାଂ ପୁଷ୍ପଂ ଗୋରୋଚନଂ ତଥା
ଦର୍ପଣଂ ଦଧି ସିଦ୍ଧାର୍ଥ ଘୃତଂ ବସ୍ତ୍ରମଳଂ କୃତମ୍
ଅକ୍ଷତଂ ବଦରୀପତ୍ରଂ ସିନ୍ଦୂରଂ ଗନ୍ଧମେବ ଚ
ମଙ୍ଗଳାରୋପଣେ କୃର୍ଯ୍ୟାଦିମାନି ବେଦମନ୍ତ୍ରତଃ ॥"

ସାଧାରଣତଃ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବିଭିନ୍ନ ଉତ୍ସବାଦିରେ ମଙ୍ଗଳ ମନାସ କରାଯାଇ ମଙ୍ଗଳାର୍ପଣ ବିଧି ଅନୁଷ୍ଠିତ ହୋଇଥାଏ। ଶ୍ରୀଗୁଣ୍ଡିଚ଼ା ଯାତ୍ରା ଦିନ ସକାଳ ଧୂପ ଖେଚେଡ଼ି ଭୋଗ ସରିବା ପରେ ସୁଧ ସୁଆର ତିନି ବାଡ଼ରେ ତିନୋଟି ପିତଳ ବଟାରେ ମୁଦୁଲି ଠାରୁ ଅଠର ମୂର୍ତ୍ତି ପାତ୍ର ସଜ ନେଇ ମଙ୍ଗଳାର୍ପଣ ଜିନିଷାତ୍ ଯଥା ସ୍ଥାନରେ ରଖନ୍ତି। ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକ ଆସି ତିନି ବାଡ଼ରେ ମଙ୍ଗଳାର୍ପଣ କରିଥାନ୍ତି। ମୁଖ୍ୟତଃ ପୂଜାପଣ୍ଡା ସେବକ ଶ୍ରୀଜଗନ୍ନାଥଙ୍କ ବାଡରେ, ମୁଦିରସ୍ତ ଶ୍ରୀବଳଭଦ୍ରଙ୍କ ବାଡ଼ରେ ଓ ପତି ମହାପାତ୍ର ଦେବୀ ସୁଭଦ୍ରାଙ୍କ ବାଡ଼ରେ ମଙ୍ଗଳାର୍ପଣ କରିଥାନ୍ତି। ଗରାବଡୁ ସେବକ ମଙ୍ଗଳାର୍ପଣ ଜିନିଷାତ୍‌ମାନ ନୀତି ସମ୍ପୃକ୍ତ ସେବକଙ୍କ ହସ୍ତକୁ ବଢ଼ାଇଥାନ୍ତି। ମଙ୍ଗଳାର୍ପଣ ସମୟରେ ସୁଧ ସୁଆର, ଭଣ୍ଡାର ମେକାପ, ଚଙ୍ଗଡ଼ା ମେକାପ, ଛାମୁ ଦିହୁଡ଼ି ଇତ୍ୟାଦି ସେବକମାନେ ମଧ ସେହି ସମୟରେ ଉପସ୍ଥିତ ରହି ଉକ୍ତ ବିଶେଷ ନୀତିରେ ସଂଶ୍ଲିଷ୍ଟ ହୋଇଥାନ୍ତି। ଏତଦ୍‌ବ୍ୟତୀତ ବାଡ଼ଗ୍ରାହୀ ଦଇତା, ଅନ୍ୟାନ୍ୟ ଭାଗାରୀ ଦଇତା ଓ ଖୁଣ୍ଟିଆ ସେବକ ମଙ୍ଗଳାର୍ପଣ ନୀତି ସମୟରେ ଉପସ୍ଥିତ ହୋଇଥାନ୍ତି। ଏହି ନୀତି ସମୟରେ କାହାଳିଆ ସେବକ ବିଜେ କାହାଳି ବା ବୀର କାହାଳି ବାଦ୍ୟ ବଜାଇଥାନ୍ତି। ସାଧାରଣତଃ ଶ୍ରୀଗୁଣ୍ଡିଚ଼ା ଯାତ୍ରା ଦିନ ବିଶେଷ ବିଭିନ୍ନ ନୀତି ସମୟରେ ୫୮ ଥର କାହାଳି ବାଜିଥାଏ। ତନ୍ମଧ୍ୟରେ ମଙ୍ଗଳାର୍ପଣ ସମୟରେ ୯ ଥର ବିଜେ କାହାଳି ବାଜିଥାଏ। 'ବାମଦେବସଂହିତା'ର ଷୋଡ଼ଶ ଅଧ୍ୟାୟରେ ବର୍ଣ୍ଣିତ ମଙ୍ଗଳାରୋପଣ ବିଧି ସମ୍ପର୍କରେ କୁହାଯାଇଛି ଯେ, ଶ୍ରୀଗୁଣ୍ଡିଚ଼ା ଯାତ୍ରା ଦିନ ପ୍ରାତଃକାଳୀନ ପୂଜା ସମ୍ପାଦନ ପରେ ମଙ୍ଗଳାରୋପଣ ଓ ବନ୍ଦାପନା ବିଧି କରାଯିବ। ଯଥା– "ପ୍ରାତଃ ପୂଜନକଂ କୁର୍ଯ୍ୟାନ୍ମଙ୍ଗଳାରୋପଣଂ ଚରେତ୍। ବନ୍ଦାପନାଦିକଂ କୁର୍ଯ୍ୟାଦ୍ ଦେବାଗ୍ରେ କଥୟ ନୃପଃ ॥" (ବା.ସଂ- ୧୬।୫) ଶ୍ରୀଗୁଣ୍ଡିଚ଼ା ଯାତ୍ରା ଦିନ ପ୍ରାତଃକାଳୀନ ପୂଜାନାନ୍ତର ମଙ୍ଗଳାରୋପଣ ଓ ବନ୍ଦାପନା କରି ରାଜା ଭକ୍ତି ପୂର୍ବକ ବିଗ୍ରହମାନଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ନିବେଦନ କରିବେ, ହେ ପୁରୁଷୋତ୍ତମ ! ପୂର୍ବକାଳରେ ଆପଣ ଆଜ୍ଞା କରିଥିଲେଯେ ଗୁଣ୍ଡିଚ଼ା ମନ୍ଦିରରେ ଯାଇ ସପ୍ତ ଦିବସ ଅବସ୍ଥାନ କରିବେ। ଏଣୁ ହେ ଦେବ ! ଜଗତ୍‌କଲ୍ୟାଣ ନିମନ୍ତେ ଆପଣ ବଳଭଦ୍ର ଓ ସୁଭଦ୍ରାଙ୍କ ସହିତ ରଥରେ ଶୀଘ୍ର ବିଜେ କରନ୍ତୁ। ସେହିପରି ଶ୍ରୀଜଗନ୍ନାଥଙ୍କ ନୀତି ଓ ଉତ୍ସବାଦି ପାଳନ ସମ୍ପର୍କୀୟ ଅନ୍ୟତମ ଗ୍ରନ୍ଥ 'ନୀଳାଦ୍ରିମହୋଦୟ'ର ଷୋଡ଼ଶ ଅଧ୍ୟାୟରେ କୁହାଯାଇଛି ଯେ :- "ନିତ୍ୟସ୍ନାନଂ ତତଃ କୁର୍ଯ୍ୟାତ୍ ପ୍ରାତଃ ପୂଜାଂ ତଥା ଚରେତ୍। ପୂଜାନ୍ତେ ତତ୍ର ତତ୍ କୁର୍ଯ୍ୟାନ୍ ମଙ୍ଗଳାରୋପଣଂ ନୃପଃ ॥" (ନୀ.ମ.- ୧୬।୮) ଅର୍ଥାତ୍, ପ୍ରଜାପତି ବ୍ରହ୍ମା ସ୍ୱୟଂ ରାଜାଙ୍କୁ କହିଛନ୍ତି ଶ୍ରୀଗୁଣ୍ଡିଚ଼ା ଯାତ୍ରା ଦିନ ମହାପ୍ରଭୁଙ୍କ ସ୍ନାନ ଓ ପ୍ରାତଃକାଳୀନ ପୂଜା କରିବ। ହେ ନୃପ ! ପୂଜା ପରେ ମଙ୍ଗଳାରୋପଣ କରିବ। ଏହାପରେ ପୂଜକମାନେ ମହାବିଷ୍ଣୁ ଜଗନ୍ନାଥଙ୍କର ଯଥାବିଧି ପୂଜା ଅର୍ଚ୍ଚନା କରିବେ। ତାହାପରେ ରାଜା ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ପରମ ଭକ୍ତି ସହକାରେ ଠାକୁରମାନଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ନିବେଦନ କରି କହିବେ, ହେ ଲକ୍ଷ୍ମୀପତି ! ହେ ଜଗନ୍ନାଥ ! ହେ ଭକ୍ତମାନଙ୍କର ଅନୁଗ୍ରହକାରି ଘୋଷଯାତ୍ରା ପାଇଁ ଆୟୋଜିତ ଉତ୍ସବକୁ ଆପଣ ଆପଣା ଲୀଳା ପ୍ରସଙ୍ଗରେ ଗମନ କରନ୍ତୁ। ଏଥିରୁ ଅନୁମିତ ହୁଏ ଯେ, ବାମଦେବସଂହିତା ଓ ନୀଳାଦ୍ରିମହୋଦୟ ରଚନାର ଯଥେଷ୍ଟ ପୂର୍ବରୁ ରଥ ଯାତ୍ରାରେ ମହାପ୍ରଭୁମାନଙ୍କ ବିଶେଷ ନୀତିରେ ମଙ୍ଗଳାରୋପଣ ବିଧି ଅନୁଷ୍ଠିତ ହେଉଥିଲା। ମଙ୍ଗଳାରୋପଣ ବିଧି ସମ୍ପର୍କରେ କାଣ୍ୱସଂହିତା ଓ ପାରସ୍କରଗୃହ୍ୟସୂତ୍ରରେ ଉଲ୍ଲେଖ ରହିଛି। ଯଥା :-

"ଭୂମିଦୀପଂ ଫଳଂ ଦୂର୍ବା ପୁଷ୍ପଗୋରଚନା ତଥା
ଦର୍ପଣଂ ଦଧି ସିଦ୍ଧାର୍ଥଂ ଘୃତଂ ଋସାଦୟେତ୍ କ୍ରମାତ୍
ଅନ୍ନଂସ୍ୱର୍ଣ୍ଣଂ ତଥା ବସ୍ତ୍ରଂ ଗନ୍ଧଂ ଚୈବ ସମର୍ପୟେତ୍ ॥"

ପ୍ରତ୍ୟେକ ଦ୍ରବ୍ୟକୁ ବୀକ୍ଷଣାଦି ଦ୍ୱାରା ସଂସ୍କାର କରି ସମର୍ପଣ କରାଯାଏ ଏବଂ ସମର୍ପଣ ପରେ ପ୍ରତ୍ୟେକ ଥର ଜଳରେ ହସ୍ତ ପ୍ରକ୍ଷାଳନ କରାଯିବ।

୧. ଭୂମି (ଗଙ୍ଗାମୃତ୍ତିକା- ଲାଗି) ମନ୍ତ୍ର- "ଓଁ ଭୂରସି ଭୂମିରସ୍ୟଦିତିରସି ବିଶ୍ୱଧାୟା ବିଶ୍ୱସ୍ୟ ଭୁବନସ୍ୟ ଧର୍ତ୍ତ୍ରୀ। ପୃଥିବୀଂୟଚ୍ଛ ପୃଥିବୀଂ ଦୃଗୁଁହ ପୃଥିବୀଂ ମାହିଗୁଁସୀଃ ॥" (କାଣ୍ୱସଂହିତା- ୧୪।୧୮)

୨.ଦୀପ (ଦର୍ଶନ) ମନ୍ତ୍ର – " ଓଁ ଚନ୍ଦ୍ରମା ମନସୋ ଜାତଶ୍ଚକ୍ଷୋଃ ସୂର୍ଯ୍ୟୋ ଅଜାୟତ। ଶ୍ରୋତାଦ୍ ବାୟୁଶ୍ଚ ପ୍ରାଣଶ୍ଚ ମୁଖାଦଗ୍ନିର ଜାୟତ ॥" (କାଣ୍ୱସଂହିତା- ୩୫।୧୨)

୩. ଶ୍ରୀଫଳ (ନାରିକେଳ)(ଲାଗି) ମନ୍ତ୍ର- " ଓଁ ଯାଃ ଫଳିନୀର୍ଯ୍ୟା ଅଫଳା ଅପୁଷ୍ପାୟାଶ୍ଚ ପୁଷ୍ପିଣୀଃ। ବୃହସ୍ପତିପ୍ରସୂତାସ୍ତା ନୋ ମୁଞ୍ଚନ୍ତ୍ୱଗୁଁ ହସଃ ॥" (କାଣ୍ୱସଂହିତା- ୧୩।୯୦)

୪.ଦୂବ (ଲାଗି) ମନ୍ତ୍ର- "ଓଁ କାଣ୍ଡାତ୍‌କାଣ୍ଡାତ୍ ପ୍ରରୋହନ୍ତୀ ପୁରୁଷଃ ପୁରଷସ୍କରି। ଏବା ନୋ ଦୂର୍ବେ ପ୍ରତନୁ ହସସ୍ରେଣ ଶତେନ ଚ ॥" (କାଣ୍ୱସଂହିତା – ୧୪ । ୨୦)

୫.ପୁଷ୍ପ (ଲାଗି) ମନ୍ତ୍ର – "ଓଁ ଶ୍ରୀଶ୍ଚ ତେ ଲକ୍ଷ୍ମୀଶ୍ଚ ପନ୍ୟା ଅହୋରାତ୍ରେ ପାର୍ଶ୍ୱେନକ୍ଷତ୍ରାଣି ରୂପମଶ୍ୱିନୋ ବ୍ୟାତ୍ତମ୍। ଇଷ୍ଣନ୍ନିଷାଣାମୁଂମ ଇଷାଣ ସର୍ବଲୋକଂ ମ ଇଷାଣ ॥"(କାଣ୍ୱସଂହିତା- ୩୫।୨୨)

୬.ଗୋରଚନା(ଲାଗି) ମନ୍ତ୍ର – "ଓଁ ଯୁଞ୍ଜନ୍ତିବ୍ରଧ୍ନମରୁଷଂ ଚରନ୍ତଂ ପରିତ ସ୍ଥୁଷଃ ରୋଚନ୍ତେ ରୋଚନା ଦିବି ॥" (କାଣ୍ୱସଂହିତା- ୨୫ । ୫)

୭.ଦର୍ପଣ(ଦର୍ଶନ)ମନ୍ତ୍ର- "ଓଁ ଆକୃଷ୍ଣେନ ରଜସା ବର୍ତ୍ତମାନୋ ନିବେଶୟନ୍ନମୃତଂ ମର୍ତ୍ୟଚ। ହିରଣ୍ୟୟେନ ସବିତା ରଥେନା ଦେବୋ ଯାତି ଭୁବନାନି ପଶ୍ୟନ୍ ॥"(କାଣ୍ୱସଂହିତା- ୩୨ । ୪୩)

୮.ଦଧି (ଦର୍ଶନ) ମନ୍ତ୍ର – "ଓଁ ଦଧିକ୍ରାବ୍ଣୋ ଅକାରିଷଂ ଜିଷ୍ଣୋରଶ୍ୱସ୍ୟ ବାଜିନଃ। ସୁରଭି ନୋ ମୁଖା କରତ୍‌ପ୍ରଣ ଆୟୁଗୁଁଷି ତାରିଷତ୍ ॥" (କାଣ୍ୱସଂହିତା- ୨୫ । ୩୪)

୯.ଶ୍ୱେତ ସୋରିଷ (ଅର୍ପଣ) ମନ୍ତ୍ର – "ଓଁ ଭେଷଜମସି ଭେଷଜଂ ଗବେଶ୍ୱାୟପୁରୁଷାୟ ଭେଷଜମ୍। ସୁଗଂ ମେଷାୟ ମେଷ୍ୟୈ ॥" (କାଣ୍ୱସଂହିତା- ୩ । ୬୭) *(ଅବଶିଷ୍ଟାଂଶ ପୃଷ୍ଠା-୨)*






ଡଃ ଭାସ୍କର ମିଶ୍ର






# ଲର୍ଡସ୍ ଟେଷ୍ଟ୍ ପରାଜୟର ୬ କାରଣ



**ଲଣ୍ଡନ:** ଲର୍ଡସ୍ ଟେଷ୍ଟ୍‌କୁ ଭାରତ ୨୨ ରନ୍‌ରେ ହାରିବା ସହ ୧୪୫ କୋଟି ଭାରତୀୟଙ୍କ ହୃଦୟ ଭାଙ୍ଗି ଚୂରମାର୍ ହୋଇଯାଇଛି। ଏକଦା ଭଲ ସ୍ଥିତିରେ ଥିଲେ ମଧ୍ୟ ପଞ୍ଚମ ତଥା ଶେଷ ଦିନରେ ଏହି ମ୍ୟାଚ୍ ଜିତିବା ଲାଗି ଆବଶ୍ୟକ ମାତ୍ର ୧୩୫ ରନ୍ କରି ନପାରି ଶୁବମନ୍ ଗିଲ୍ ?ଙ୍କ ଦଳ ପରାଜିତ ହେବା ପ୍ରଶଂସକଙ୍କୁ ବ୍ୟଥିତ କରିଛି। ଏହି ଚର୍ଚ୍ଚିତ ମୁକାବିଲାକୁ ଭାରତ ଅନ୍ୟୁନ ୬ଟି କାରଣ ପାଇଁ ହାରିଲା ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। **ପନ୍ତଙ୍କ ରନ୍‌ଆଉଟ୍-**ପ୍ରଥମ ପାଳିରେ ୱିକେଟ୍‌ରକ୍ଷକ ଋଷଭ ପନ୍ତଙ୍କ ରନ୍‌ଆଉଟ୍ ଏହି ମ୍ୟାଚ୍‌ର ଅନ୍ୟତମ ନିର୍ଣ୍ଣାୟକ ମୋଡ଼ ଥିଲା। ଚମତ୍କାର ବ୍ୟାଟିଂ କରୁଥିଲା ବେଳେ ସିଙ୍ଗଲ୍ ଚୋରାଇ ନେଇ କେଏଲ୍ ରାହୁଲଙ୍କୁ ଶତକ ପୂରଣ କରିବା ସୁଯୋଗ ଦେବା ପ୍ରୟାସରେ ପନ୍ତ ନିଜ ୱିକେଟ୍ ହରାଇଥିଲେ।


**ଗିଲ୍‌ଙ୍କ ଯୁଗଳ ବିଫଳତା-** ଭାରତ ଏଜ୍‌ବାଷ୍ଟନ୍ ଟେଷ୍ଟ୍ ଜିତିବାରେ ଅଧିନାୟକ ଶୁବମନ୍ ଗିଲ୍ ପ୍ରମୁଖ ଭୂମିକା ତୁଲାଇଥିଲେ। ଏକାକୀ ୪୩୦ ରନ୍ କରିଥିଲେ ସେ। ଯୋଜନାବଦ୍ଧ ଭାବେ ବୋଲିଂ କରିବା ସହ ୱିକେଟ୍‌ରକ୍ଷକଙ୍କୁ ଉପରେ ରଖି ଗିଲ୍‌ଙ୍କୁ ବଡ଼ ସ୍କୋର୍ କରିବାର ସୁଯୋଗ ଦେଇ ନଥିଲା। ଉଭୟ ପାଳିରେ ଗିଲ୍ ୧୬ ଓ ୬ ରନ୍ କରିଥିଲେ। ଯାହା ଭାରତ ପାଳି ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା।

**ନାୟରଙ୍କ ସଂଘର୍ଷ-** ଇଂଲଣ୍ଡ ବିପକ୍ଷ ଶୃଙ୍ଖଳା ଆରମ୍ଭ ହେବା ପୂର୍ବରୁ କରୁଣ ନାୟରଙ୍କୁ ନେଇ ଅନେକ ଚର୍ଚ୍ଚା ହୋଇଥିଲା। ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରି ୮ବର୍ଷ ପରେ ଭାରତୀୟ ଟେଷ୍ଟ୍ ଦଳକୁ ଫେରିଥିବା ନାୟରଙ୍କ ଉପରେ ଦଳୀୟ ଅଧିକାରୀମାନେ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଥିଲେ। ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ୩ ନମ୍ବର ସ୍ଥାନରେ ବି ଖେଳାଇଥିଲେ। **କିଙ୍ଗ୍ସ ଚାର୍ଲସଙ୍କୁ ଭେଟିଲେ ଭାରତୀୟ ଖେଳାଳି-** ଭାରତୀୟ ପୁରୁଷ ଓ ମହିଳା ଦଳର କ୍ରିକେଟରମାନେ ମଙ୍ଗଳବାର ଇଂଲଣ୍ଡର ରାଜା କିଙ୍ଗ୍ ଚାର୍ଲସ୍‌ଙ୍କୁ ତାଙ୍କ ଲଣ୍ଡନସ୍ଥିତ କ୍ଲିଅରାନ୍ସ ହାଉସ୍ ବାସଭବନରେ ଭେଟିଥିଲେ। ଏହି ଅବସରରେ ଲର୍ଡସ ଟେଷ୍ଟ୍ ଫଳାଫଳକୁ ନେଇ କିଙ୍ଗ୍ ଚାର୍ଲସ ଗିଲ୍ ବାହିନୀ ସହ ଆଲୋଚନା କରିଥିଲେ। **ଜୟସ୍ୱାଲଙ୍କ ବେପରୁଆ ଆଭିମୁଖ୍ୟ-** ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ବେପରୁଆ ସଟ୍ ଚୟନ ମଧ୍ୟ ଭାରତର ଲର୍ଡସ୍ ପରାଜୟର ଅନ୍ୟତମ କାରଣ ବୋଲି କୁହାଯାଇପାରେ। **ଅପ୍ରତ୍ୟାଶିତ ବିପର୍ଯ୍ୟୟ-** ଦ୍ୱିତୀୟ ପାଳିରେ ଲଢ଼ିଥିଲେ ମଧ୍ୟ ପ୍ରଥମରେ ଭାରତ ନିମ୍ନକ୍ରମ ପୂରା ନିରାଶ କରିଥିଲା। **କ୍ୟାଚ୍ ଡ୍ରପ୍ ଓ ଦୁର୍ବଳ ଫିଲ୍‌ଡିଂ-** ଭାରତୀୟ କ୍ରିକେଟ୍ ଦଳ ପୁଣି ଥରେ ଏକାଧିକ କ୍ୟାଚ୍ ହାତଛଡ଼ା କରି ଇଂଲଣ୍ଡକୁ ସମ୍ମାନଜନକ ସ୍କୋର୍ କରିବାର ସୁଯୋଗ ଦେଇଥିଲା। ଇଂଲଣ୍ଡର ପ୍ରଥମ ପାଳିରେ ହିଁ ଭାରତ ଅନ୍ୟୁନ ଚାରିଟି କ୍ୟାଚ୍ ଛାଡ଼ିଥିଲା।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତିନି ଦେଶରୁ ମିଳିଲା ସର୍ବୋଚ୍ଚ ସମ୍ମାନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଷ୍ଟ୍ରପତି କ୍ରିଷ୍ଟିନ କାର୍ଲା କାଙ୍ଗାଲୁ 'ଦି ଅର୍ଡର ଅଫ୍ ଦି ରିପବ୍ଲିକ୍ ଅଫ୍ ତ୍ରିନିଦାଦ ଆଣ୍ଡ ଟୋବାଗୋ' ସମ୍ମାନରେ ସମ୍ମାନିତ କରୁଛନ୍ତି।



ନରେନ୍ଦ୍ର ମୋଦିଙ୍କୁ ବ୍ରାଜିଲର ସର୍ବୋଚ୍ଚ ସମ୍ମାନ 'ଦି ଗ୍ରାଣ୍ଡ କଲାର ଅଫ୍ ଦି ନ୍ୟାସନାଲ୍ ଅର୍ଡର ଅଫ୍ ଦି ସାଉଦର୍ଣ୍ଣ କ୍ରସ୍' ପ୍ରଦାନ କରୁଛନ୍ତି ବ୍ରାଜିଲ ର ରାଷ୍ଟ୍ରପତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନାମ୍ବିଆର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଛି।



୫ମ ଓଡ଼ିଶା ନାଭାଲ ଟାଟା ହକି ଗ୍ରାସରୁଟ ଲିଗର ଅନ୍ତିମ ପର୍ଯ୍ୟାୟ କଳିଙ୍ଗ ଷ୍ଟାଡିୟମ ଠାରେ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଛି । ୩୪ ଟି ତୃଣମୂଳ ସ୍ତରୀୟ କେନ୍ଦ୍ରରୁ ଉଭୟ ପୁରୁଷ ଓ ମହିଳା ବିଭାଗର ଶୀର୍ଷ ୮ଟି ଦଳ ଏହି ପର୍ଯ୍ୟାୟରେ ଅଂଶ ଗ୍ରହଣ କରୁଛନ୍ତି । ଏହାର ଶୁଭାରମ୍ଭ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡ଼ିୟମରେ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ଅବସରରେ।

# ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚନ କଲେ ରାଷ୍ଟ୍ରପତି




**ନୂଆଦିଲ୍ଲୀ:** ଏସିଆ ସର୍ବପୁରାତନ ଏବଂ ଭାରତର ସବୁଠୁ ସମ୍ମାନଜନକ ଡୁରାଣ୍ଡ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତା ଜୁଲାଇ ୨୩ରୁ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଆୟୋଜିତ ହେବ। ୫ଟି ରାଜ୍ୟର ୬ଟି ସ୍ଥାନରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ରଥମ ଥର ଇଣ୍ଡୋନେସିଆ ଆର୍ମି ଦଳ ଭାଗ ନେବାକୁ ଯାଉଛି। ଭାରତୀୟ ସେନା ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୨୪ ଦଳ ଅଂଶଗ୍ରହଣ କରିବେ। ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣ ଟ୍ରଫି ଉନ୍ମୋଚନ ଉତ୍ସବ ଶୁକ୍ରବାର ରାଷ୍ଟ୍ରପତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପତାକା ହଲାଇ ୩ଟି ଐତିହାସିକ ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚନ କରିଛନ୍ତି।



କଳିଙ୍ଗ ଷ୍ଟାଡିୟମରେ ଅଲ୍ ଇଣ୍ଡିଆ ସିନିୟର ନ୍ୟାସନାଲ ରାଙ୍କିଂ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ନିମନ୍ତେ ନିଜେ ବ୍ୟାଡ୍‌ମିଣ୍ଟନ୍ ଖେଳୁଛନ୍ତି। ଏଥିରେ ଦେଶବ୍ୟାପୀ ୧୫୦୦ ରୁ ଅଧିକ ପ୍ରତିଭାବାନ ସଟଲର୍ ଅଂଶ ଗ୍ରହଣ କରିଛନ୍ତି।



ରାଞ୍ଚିରେ ଅନୁଷ୍ଠିତ ୧୫ତମ ହକି ଇଣ୍ଡିଆ ସବ୍ ଜୁନିଅର ମହିଳା ଜାତୀୟ ଚାମ୍ପିଅନସିପରେ ରୌପ୍ୟ ପଦକ ଜିତିବା ପରେ ଓଡ଼ିଶା ସବ୍ ଜୁନିଅର ମହିଳା ହକି ଦଳକୁ ବିମାନବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ଅବସରରେ।

# ବିବାହ ବିଚ୍ଛେଦରେ ସାଇନା ନେହୱାଲ ଓ ପୁରୁପଲ୍ଲୀ କାଶ୍ୟପ



**ହାଇଦ୍ରାବାଦ:** ଭାରତୀୟ କ୍ରୀଡ଼ା ଜଗତର ଚର୍ଚ୍ଚିତ ଦମ୍ପତି ଅଲିମ୍ପିକ୍ସ ପଦକ ବିଜୟିନୀ ବ୍ୟାଡ୍‌ମିଣ୍ଟନ୍ ତାରକା ସାଇନା ନେହୱାଲ ଏବଂ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ପୁରୁପଲ୍ଲୀ କାଶ୍ୟପଙ୍କ ମଧ୍ୟରେ ବିଚ୍ଛେଦ ଘଟିଛି। ଏହି ଦୁଇ ତାରକାଙ୍କ ଅଲଗା ହେବା ଖବର ଭାରତୀୟ କ୍ରୀଡ଼ା ଜଗତରେ ଆଲୋଡ଼ନ ସୃଷ୍ଟି କରିଛି। ସାଇନା ନିଜେ ସାମାଜିକ ଗଣମାଧ୍ୟମରେ କାଶ୍ୟପଙ୍କଠାରୁ ଅଲଗା ହୋଇଥିବା ସୂଚନା ଦେଇଥିଲେ । ୩୫ ବର୍ଷୀୟା ସାଇନା ରବିବାର ନିଜ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ପ୍ରକାଶ କରିଥିବା ଚାରିଧାଡ଼ିଆ ବିବୃତିରେ ଲେଖିଥିଲେ, କେବେ କେବେ ଜୀବନ ଆମକୁ ଭିନ୍ନ ଭିନ୍ନ ଦିଗକୁ ନେଇଥାଏ। ୩୮ ବର୍ଷୀୟ କାଶ୍ୟପ କିନ୍ତୁ ଏହି ଅପ୍ରତ୍ୟାଶିତ ବିଚ୍ଛେଦକୁ ନେଇ ଆନୁଷ୍ଠାନିକ ଭାବେ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ୨୦୦୫ ମସିହାରେ ଉଭୟ ଉଭୟଙ୍କୁ ଭଲ ପାଇ ବସିଥିଲେ। ପରେ ୨୦୧୮ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।





ଅଲ୍ ଇଣ୍ଡିଆ ସିନିୟର ନ୍ୟାସନାଲ ରାଙ୍କିଂ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ୨୦୨୫ କଳିଙ୍ଗଷ୍ଟାଡିୟମ୍‌ରେ ସଫଳତାର ସହ ସମାପ୍ତ ହୋଇଛି। ପ୍ରମୁଖ ସଚିବ ଭାସ୍କର ଶର୍ମା, ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ୍‌ର ସଭାପତି ରାଜେଶ ପାଟିଲ୍ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି।

# ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ



**ପୁରୀ:** ଜୀବନ ଚର୍ଯ୍ୟାର ପ୍ରତ୍ୟେକ ଦିନରେ ଯୋଗକୁ ସାମିଲ କରିବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ।ଆଜି ପୂର୍ବାହ୍ନରେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ଚଳିତ ବର୍ଷ ଯୋଗ ଦିବସର ଥିମ ରହିଛି 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ।ଏଥିରେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଯୋଗ ଜୀବନ କୁ ସୁସ୍ଥ ଓ ନୀରୋଗ ରଖିବା ସହ କାର୍ଯ୍ୟ ଦକ୍ଷତା କୁ ବୃଦ୍ଧି କରିଥାଏ ବୋଲି କହିଥିଲେ।ଆଜିର ସମୟରେ ପ୍ରାୟ ଅଧିକାଂଶ ବ୍ୟକ୍ତି ବିଭିନ୍ନ ରୋଗର ଶିକାର ହେଉଛନ୍ତି।କିନ୍ତୁ ପ୍ରତ୍ୟହ୍ୟ ଯଦି ଯୋଗ କରିବା ନିଶ୍ଚିତ ରୋଗ ରୁ ମୁକ୍ତି ମିଳିବ।ଶରୀର ପାଇଁ ଖାଦ୍ୟର ଆବଶ୍ୟକତା ଭଳି ଯୋଗ ମଧ୍ୟ ଏକ ଆବଶ୍ୟକତା।ତେଣୁ ପ୍ରତ୍ୟେକ ପ୍ରତିଦିନ ଯୋଗାଭ୍ୟାସ କରିବାକୁ ସେ କହିବା ସହ ଉପସ୍ଥିତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅବକାରୀ ଅଧିକ୍ଷକ ଜଗଦୀଶ ସାମଲ, ସହକାରୀ ଜିଲ୍ଲାପାଳ ତନ୍ମୟ କୁମାର ଦାସ, କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇ ଯୋଗ ର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।ଯୋଗ ଗୁରୁ ରମା ବଲ୍ଲଭ ମହାପାତ୍ର, ଡଃ ଆଲୋକ ସ୍ୱାଇଁ ଓ ତାଙ୍କର ସହଯୋଗୀ ମାନେ ଯୋଗ ଶିକ୍ଷା ପ୍ରଦାନ କରିଥିଲେ।ଏହି ଯୋଗ କାର୍ଯ୍ୟକ୍ରମ ରେ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅବକାରୀ ବିଭାଗର କର୍ମଚାରୀ ମାନେ ଯୋଗ ଦେଇଥିଲେ।ଅବକାରୀ ବିଭାଗ ପକ୍ଷରୁ ନିଶା ମୁକ୍ତ ଜୀବନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ରୀଡ଼ା ବିଭାଗ କର୍ମଚାରୀ ସୌମ୍ୟ ପୂଜାରୀ, ଅବିନାଶ ମହାପାତ୍ର ସୂଚନା ଓ ଲୋକ ସମ୍ପର୍କ କର୍ମଚାରୀ ସୁବ୍ରତ କୁମାର ସାହୁ, ତ୍ରିନାଥ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।




Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty